## ସଂକ୍ଷେପରେ

### କଂଗ୍ରେସ ପ୍ରଚାର କମିଟି ଆବାହକଙ୍କୁ ସମ୍ବର୍ଦ୍ଧନା

ବଡ଼ଚଣା,୫।୫(ଦିଲୀପ କୁମାର ମହାନ୍ତି): ରବିବାର ପ୍ରଦେଶ କଂଗ୍ରେସ ନିର୍ବାଚନ ପ୍ରଚାର କମିଟି ଆବାହକ ସୁଧାଂଶୁ ଶେଖର ଦେଓଙ୍କୁ ଗ୍ରାମବାସୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ସେ ନିଜ ଗ୍ରାମ ମଝିପଡ଼ାରେ କଂଗ୍ରେସର ପ୍ରଚାର କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ସ୍ୱାଗତ କରିବା ସହିତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଦେଓ ଜଣେ ଦୃଢ଼ ସଙ୍ଗଠକ ଭାବେ ଜଙ୍ଗଲ ଅଧିକାର, ଭାଗଚାଷୀ, ସଅର ଶବର ସମସ୍ୟା ଓ ତାର ସମାଧାନ ଉପରେ ଦୀର୍ଘ ଦିନ ଧରି କାମ କରି ଆସୁଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବରେ ଯାଜପୁର ଜିଲା କଂଗ୍ରେସ ଲୋକସଭା ପ୍ରଚାର କମିଟି ଅଧ୍ୟକ୍ଷ ମାଗୁଣି ଜେନା ଉପସ୍ଥିତ ଥିଲେ ।

### ହୃଦ୍‌ଘାତରେ ଅଟୋରିକ୍ସା ଚାଳକଙ୍କ ପରଲୋକ

ପାଣିକୋଇଲି,୫।୫(ବିକାଶ କୁମାର ମଲିକ) ପାଣିକୋଇଲି ଥାନା ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଉପଦା(ଗରୁଆଳ)ଗ୍ରାମରେ ରବିବାର ଜଣେ ଅଟୋରିକ୍ସା ଚାଳକଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ମୃତକ ହେଲେ ନିରଞ୍ଜନ ମଲିକ(୩୪)। ସେ ପ୍ରତିଦିନ ପରି ନିଜ ଅଟୋରିକ୍ସା ନେଇ ମଧ୍ୟାହ୍ନରେ ଘରେ ପହଞ୍ଚି ଥିଲେ । ପ୍ରଚଣ୍ଡ ଖରା ଯୋଗୁ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟ ଅଣାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଥିଲେ । ଘରେ ବିଶ୍ରାମ ନେଉଥିବା ବେଳେ ପୁଣି ଅସୁସ୍ଥତା ଅନୁଭବ କରିବାରୁ ପରିବାର ପକ୍ଷରୁ ଯାଜପୁରରୋଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

### ରେଳ ଧାରଣାରୁ ମୃତଦେହ ଜବତ

କଳିଙ୍ଗନଗର,୫।୫(ଶୁଭାଶିଷ ରାଉତ ) ସୁକିନ୍ଦା ରୋଡ ରେଳ ଷ୍ଟେଶନ ଓ ବାଘୁଆପାଳ ଷ୍ଟେଶନ ମଧ୍ୟବର୍ତ୍ତୀ ଡଙ୍କାଗାଡ଼ିଆ ଗ୍ରାମ ନିକଟ ରେଳ ଧାରଣାରୁ ରବିବାର ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ମିଳିଛି । ଯୁବକଙ୍କ ବୟସ ପାଖାପାଖି ୨୦ ବର୍ଷ ହେବ । ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ତାଙ୍କ ପରିଚୟ ମିଳିପାରିନାହିଁ। ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି

# ବୁଣାକାର ସହାୟତା ଯୋଜନା ତୁରନ୍ତ କାର୍ଯ୍ୟକାରୀ ହେଉ

## ଗୋପାଳପୁରରେ ହସ୍ତଶିଳ୍ପ, ବୁଣାକାର ସମାବେଶ

ରସୁଲପୁର,୫।୫(ରଞ୍ଜିତ ରାଉତ)



ସମାବେଶରେ ଯୋଗଦେଇଥିବା ହସ୍ତଶିଳ୍ପ ଓ ବୁଣାକାର ନେତୃବୃନ୍ଦ।

ରସୁଲପୁର ବ୍ଲକ ଅଞ୍ଚଳର ବୁଣାକାର ଗ୍ରାମ ଗୋପାଳପୁରଠାରେ ରବିବାର ହସ୍ତଶିଳ୍ପ ଓ ବୁଣାକାରମାନଙ୍କୁ ନେଇ ଏକ ବିଶାଳ ସମାବେଶ ଆୟୋଜନ କରାଯାଇଛି । ଉକ୍ତ ସମାବେଶରେ ହସ୍ତଶିଳ୍ପ ଓ ବୁଣାକାର ନେତା ଓ କାରିଗରମାନେ ଯୋଗଦେଇ ରାଜ୍ୟ ସରକାର ବୁଣାକାର,ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ ମାସିକ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ତେବେ ଏହାକୁ ତୁରନ୍ତ ଲାଗୁ କରିବାକୁ ଦାବି ହୋଇଛି । ଗତ ଫେବୃଆରୀ ୧୪ରେ ରାଜ୍ୟ ସରକାର ବୁଣାକାର ଆର୍ଥିକ ସହାୟତା ଘୋଷଣା କରିଥିଲେ । ବାର୍ଷିକ ୧ଲକ୍ଷରୁ କମ୍ ଟଙ୍କା ଆୟ କରୁଥିବା ହସ୍ତଶିଳ୍ପ ଓ ବୁଣାକାର ପରିବାରର ୪୦ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ୫୦ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ କାରିଗରମାନଙ୍କୁ ମାସିକ ୨୦୦୦ଟଙ୍କା ଓ ୮୦ବର୍ଷରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପୀ ଓ କାରିଗରମାନଙ୍କୁ ୨୫୦୦ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ତେବେ ତାହା କେବଳ ଘୋଷଣାରେ ସୀମିତ ରହିଛି । ତାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ବୁଣାକାର ଓ ହସ୍ତଶିଳ୍ପୀ କଲ୍ୟାଣ ପାଇଁ ଘୋଷଣା ହୋଇଥିବା ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ଗଠନ, ପରିଷଦ ପାଇଁ ଖଣ୍ଡଗିରିଠାରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ପ୍ରତିଷ୍ଠା, ମଞ୍ଚେଶ୍ୱରଠାରେ ଉଭୟ ବର୍ଗର କାରିଗରମାନଙ୍କ ପାଇଁ ରାତ୍ରୀ ଯାପନ ଗୃହ ସ୍ଥାପନ, ଜିଲାରେ ହସ୍ତଶିଳ୍ପ କାର୍ଯ୍ୟାଳୟ ଖୋଲିବା ଆଦି ବିଭିନ୍ନ ସହାୟତା ଓ ଯୋଜନାକୁ ପ୍ରଶଂସା କରିବା ସହ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଓଡିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ସମ୍ମାନିତ ଅତିଥି ଭାବେ ସାଙ୍ଗଠନିକ ସମ୍ପାଦିକା ସରୋଜିନୀ ଦାସ, ମହାସଂଘର ଉପଦେଷ୍ଟା ସିଦ୍ଧାର୍ଥ ଘୋଷ, କୋଷାଧ୍ୟକ୍ଷ ଅଶୋକ କୁମାର ଗୁଇଁ, ଯାଜପୁର ଜିଲା ସଭାପତି ପ୍ରଶାନ୍ତ ବେହେରା, ବରିଷ୍ଠ ବୁଣାକର ଲକ୍ଷ୍ମୀଧର ଚାନ୍ଦ, ରମେଶ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଶିଳ୍ପୀ ଓ କାରିଗରମାନଙ୍କ ସମୂହ ଲଢେଇ ଯୋଗୁ ବହୁ ଦାବି ହାସଲ ହୋଇପାରିଛି। ଆଗକୁ ସଙ୍ଗଠନକୁ ଦୃଢ଼ କରିବା ପାଇଁ ଆଞ୍ଚଳିକ ସଙ୍ଗଠନଗୁଡିକ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ଓଡ଼ିଶା ଶିଳ୍ପୀ ମହାସଂଘର ସମ୍ପାଦକ ପ୍ରିୟରଞ୍ଜନ କର କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ । ଯାଜପୁର ଜିଲା ସଂଘର ସଭାପତି ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବୁଣାକାର ନେତା କାଳନ୍ଦୀ ବେହେରା, ଅମୂଲ୍ୟ ସୁର, ବୈକୁଣ୍ଠ ସୁର, ଅଞ୍ଜୁଳତା ବେହେରା, ଖଗେଶ୍ୱର ମଲିକ, ବିପିନ ବିହାରୀ ସାହୁ, ରଙ୍ଗାଧର ସାହୁ, ଦିପ୍ତିରାଣୀ ବେହେରା, ମକରଧ୍ୱଜ ଗୁଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମାବେଶରେ ଦେଢ ହଜାରରୁ ଊର୍ଦ୍ଧ୍ୱ ବୁଣାକାର ଯୋଗ ଦେଇଥିଲେ ।

# ସଫଳ ବ୍ୟକ୍ତିତ୍ୱର ବିକାଶରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଚଣ୍ଡିଖୋଲ,୫।୫(ପ୍ରଦୀପ୍ତ କୁମାର ପୃଷ୍ଟି )

ମାଟିର ପିଣ୍ଡୁଳାରେ ମୂର୍ତ୍ତିକାରମାନେ ଯେପରି ସୁନ୍ଦର ମୂର୍ତ୍ତି ତିଆରି କରିପାରନ୍ତି ଠିକ ସେହିପରି ଶିକ୍ଷକମାନେ ସମାଜର ବିକାଶରେ ସହାୟକ ହୋଇ ଥାଆନ୍ତି। ଛାତ୍ରୀଛାତ୍ରମାନଙ୍କ ସଫଳ ବ୍ୟକ୍ତିତ୍ୱର ବିକାଶରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର କଣ୍ଢଗଡ ବାଲିକୁଦା ହଳଧରପୁରସ୍ଥିତ କେ.ଏଚ୍.ବି.ହାଇସ୍କୁଲ ପରିସରରେ ପ୍ରଧାନଶିକ୍ଷକ ପ୍ରବୋଧ କୁମାର ସାମଲ ଓ କାର୍ଯ୍ୟାଳୟ ସହାୟକ ରତ୍ନାକର ସାହୁଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲର ଅବସରପ୍ରାପ୍ତ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତ, ନାଇଜରର କୁଳସଚିବ ଡ.ଅଭୟ କୁମାର ନାୟକ ମୁଖ୍ୟଅତିଥି, ସିଆରସିସି ପ୍ରଭାତ କୁମାର ସାମଲ, ଓଷ୍ଟା ବ୍ଲକ ସଭାପତି ଦୟାନିଧି ସାମଲ ଓ ଆଇନଜିବୀ ଅନିଲ କୁମାର ଦେଓ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ବିରୁପାକ୍ଷ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଛାତ୍ର ଜ୍ଞାନ ରଞ୍ଜନ ସାହୁ ଓ ଛାତ୍ରୀ କଳ୍ପନା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ପୁରାତନ ଛାତ୍ର ଦୀପକ କୁମାର ସାହୁ।


ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

# ବିଜେଡିରୁ ଇସ୍ତଫା ଦେଲେ ଶ୍ରୀକାନ୍ତ ସାହୁ

ଧର୍ମଶାଳା/କାଏମା,୫।୫ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ଶ୍ରୀକାନ୍ତ ସାହୁ ରବିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି । ଏନେଇ ସେ ମଙ୍ଗଳପୁରସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି । ସାହୁ ଛାତ୍ର ଜୀବନରୁ କଂଗ୍ରେସ ଦଳରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ଧର୍ମଶାଳା ବିକାଶ ପରିଷଦ ନାମରେ ଏକ ସଙ୍ଗଠନ କରି ବହୁ ଯୁବ ଓ ମହିଳାମାନଙ୍କୁ ସାମିଲ କରିଥିଲେ । ୨୦୧୯ ନିର୍ବାଚନ ପୂର୍ବରୁ ସେ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିଲେ । ହେଲେ କୌଣସି କଥାକୁ ନେଇ ସ୍ଥାନୀୟ ବିଧାୟକଙ୍କ ସହିତ ତାଙ୍କର ମନମାଳିନ୍ୟ ହେବାରୁ ସେ ଯୁବ ଓ ମହିଳାମାନଙ୍କୁ ଧରି ସମାନ୍ତରାଳ ସଙ୍ଗଠନ ଚଳାଇଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ସେ ବିଜେଡି ପ୍ରାର୍ଥୀ ହେବାକୁ ଆଶା ରଖି ଟିକେଟ୍ ପାଇଁ ଆବେଦନ କରିଥିଲେ । ହେଲେ ଦଳ ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ପୁନଶ୍ଚ ପ୍ରାର୍ଥୀ କରିଛି । ଯାହାକୁ ନେଇ ସାହୁଙ୍କ ମନରେ କ୍ଷୋଭ ରହିଥିଲା । ଦଳ ତାଙ୍କ ପ୍ରତି ଅଣଦେଖା କରିଥିବା ଅଭିଯୋଗ କରି ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ ବୋଲି ଘୋଷଣା କରିଛନ୍ତି । ସେ ତାଙ୍କ ଇସ୍ତଫା ପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଥିବା କହିଛନ୍ତି । ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ପଚାରିବାରୁ ଲୋକମାନଙ୍କ ସହିତ ଆଲୋଚନା ପରେ ସେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି ।


ଖବରଦାତା ସମ୍ମିଳନୀରେ ନିଜ ସମର୍ଥକଙ୍କ ସହ ଶ୍ରୀକାନ୍ତ ସାହୁ।

# ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ

କାଏମା,୫।୫(ଶିବପ୍ରସାଦ ମହାନ୍ତି)

ଦିନକୁ ଦିନ ଅଘୋଷିତ ବିଦ୍ୟୁତ୍ କାଟ ଗ୍ରୀଷ୍ମ ପ୍ରବାହ ବେଳେ କଷ୍ଟଦାୟକ ହୋଇଛି । ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ଏପରି ସମସ୍ୟା ଚିନ୍ତାର କାରଣ ପାଲଟିଛି। ଦିନ ହେଉ କି ରାତି ବିଦ୍ୟୁତ୍ କାଟ୍ ଲୋକମାନଙ୍କୁ ହନ୍ତସନ୍ତ କରିଛି । ଜାରକା ଅଞ୍ଚଳରେ ରବିବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ଯାଏ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ସେହି ସମୟରେ ସ୍ଥାନୀୟ ଯନ୍ତ୍ରୀଙ୍କୁ ଫୋନ କରିବାରୁ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା। କର୍ମଚାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଚଣ୍ଡିଖୋଲଠାରେ ଥିବା ଓପିଟିସିଏଲର ୧୩୨/୩୩ ମେଗା ଭୋଲ୍ଟର ବିଦ୍ୟୁତ୍ ଉପକେନ୍ଦ୍ରରୁ ଜାରକା, ଆରୁହା, କବାଟବନ୍ଧ, କୁଣ୍ଡପାଟଣା ଆଦି ଅନେକ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ କରାଯାଉଛି। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ସହ ଲୋକମାନେ ବହୁଳ ପରିମାଣରେ ଏସି , ଫ୍ୟାନ୍,କୁଲର ବ୍ୟବହାର କରୁଛନ୍ତି। ଫଳରେ ଅତ୍ୟାଧିକ ଲୋଡ୍ କାରଣରୁ ଚଣ୍ଡିଖୋଲଠାରେ ଥିବା ବିଦ୍ୟୁତ୍ ଉପକେନ୍ଦ୍ରରୁ ବିଦ୍ୟୁତ୍ ଯୋଗାଣ ବାରମ୍ବାର ବିଚ୍ଛିନ୍ନ ହେଉଛି । ପ୍ରଶାସନ ପକ୍ଷରୁ ବିଦ୍ୟୁତ୍ ନ କାଟିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଅତ୍ୟାଧିକ ଲୋଡ୍ ପାଇଁ ବିଦ୍ୟୁତ୍ ଯୋଗାଣ କମ୍ପାନୀ ପକ୍ଷରୁ କୌଣସି ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି ବୋଲି ଗ୍ରାହକମାନେ ଅଭିଯୋଗ କରିଛନ୍ତି ।

# ଡ୍ୟାନ୍ସ କେ କେଡା ଷ୍ଟୁଡିଓକୁ ଶ୍ରେଷ୍ଠ ନୃତ୍ୟ ଅନୁଷ୍ଠାନ ପୁରସ୍କାର

ବଡଚଣା,୫।୫(ଦିଲୀପ କୁମାର ମହାନ୍ତି) ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଡ୍ୟାନ୍ସ କେ କେଡା ଷ୍ଟୁଡିଓକୁ ଶ୍ରେଷ୍ଠ ନୃତ୍ୟ ଅନୁଷ୍ଠାନର ମାନ୍ୟତା ମିଳିଛି । ଏହି ପ୍ରତିଯୋଗିତାରେ ଅନୁଷ୍ଠାନର ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ୨ ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା ଏହି ଅନୁଷ୍ଠାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କ ପ୍ରଶଂସା ସାଉଁଟିଛି ।


ପୁରସ୍କାର ସାଉଣ୍ଟିଥିବା ନୃତ୍ୟାନୁଷ୍ଠାନର କଳାକାରମାନେ ।

# ମୁକ୍ତାକାଶ ରଙ୍ଗମଞ୍ଚ ଯାତ୍ରା ଉଦ୍‌ଯାପିତ

ପାଣିକୋଇଲି,୫।୫ (ବିକାଶ କୁମାର ମଲିକ)

ପାଣିକୋଇଲି ପଞ୍ଚାୟତ ବାଲିଦାଣ୍ଡ ସାହିର ସତ୍ୟ ନାରାୟଣ ପାଲା ମଣ୍ଡପ ଦ୍ୱାରା ୩ ଦିନ ଧରି ଚାଲିଥିବା ଯାତ୍ରା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସାହିରେ ରହୁଥିବା ୯୦ ପରିବାର ଚାନ୍ଦା ଆଦାୟ କରି ପ୍ରତିବର୍ଷ ଯାତ୍ରା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛନ୍ତି। ସାହିର ଯୁବକମାନେ ନିଜ ଭିତରେ ଏକତା ଓ ଭାଇଚାରା ବୃଦ୍ଧି କରି ପଞ୍ଚାୟତରେ ଏହି ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ତଥା କୋରାଇର ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କମିଟିର ସଦସ୍ୟମାନଙ୍କ ଏଭଳି ଉଦ୍ୟମକୁ ସାଧୁବାଦ ଜଣାଇବା ସହିତ ଗ୍ରାମବାସୀଙ୍କୁ ଏଭଳି ପରମ୍ପରା ବଞ୍ଚାଇ ରଖିବା ଲାଗି ଅନୁରୋଧ କରିଥିଲେ। କମିଟିର ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ଶଶୀକାନ୍ତ ମଲିକ, ରାମଚନ୍ଦ୍ର ମଲିକ, ଶିବରାମ ପାତ୍ର, ରବି ନାରାୟଣ ପଣ୍ଡା,ଶଙ୍କର ମଲିକ, ଗଣନାଥ ସାହୁ, ସଭାପତି ଅବଦୁଲ ସଏଦ ଖାଁ, ସମ୍ପାଦକ ରାଜ କିଶୋର ମଲିକ କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


ମୁକ୍ତାକାଶ ରଙ୍ଗମଞ୍ଚ ଯାତ୍ରା ଉଦ୍‌ଯାପନୀ ଉତ୍ସବରେ ଭାଜପା ପ୍ରାର୍ଥୀ ଆକାଶ ଦାସନାୟକ ଉଦ୍‌ବୋଧନ ଦେଉଛନ୍ତି ।

# ମା’ ଶାରଳାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ଧର୍ମଶାଳା,୫।୫(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ ଅଧୀନ ଦେଉଳିପାଳ ଗ୍ରାମ ସୀମାନ୍ତରେ ଥିବା ମା’ ଶାରଳାଙ୍କ ଦ୍ୱିତୀୟ ବାର୍ଷିକ ମହାଯଜ୍ଞ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୨ ତାରିଖରେ ଗୋକର୍ଣ୍ଣେଶ୍ୱର ପୀଠ ନିକଟ ବ୍ରାହ୍ମଣୀ ନଦୀରୁ ମହିଳାମାନେ କଳସରେ ଜଳ ଆଣିବା ପରେ ଘଟସ୍ଥାପନ କରାଯାଇଥିଲା। କର୍ତ୍ତାଭାବେ ବିଶ୍ୱପ୍ରତାପ ଶତପଥୀ ଓ ତନୁଶ୍ରୀ ଶତପଥୀ ଏବଂ ଉପକର୍ତ୍ତା ଶ୍ୟାମସୁନ୍ଦର ମହାପାତ୍ର ଯୋଗଦେଇ ଯଜ୍ଞ ସଞ୍ଚାଳନ କରିଥିଲେ। ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, କଂଗ୍ରେସ ପ୍ରାର୍ଥୀ କିଷାନ ପଣ୍ଡା, ସାମାଜିକ କର୍ମୀ ମିନତି ସାହୁ, ଡା. ବିଜୟ କୁମାର ଶତପଥୀ, ପୂର୍ବତନ ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯଜ୍ଞରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରଜବନ୍ଧୁ ଶତପଥୀ, ଅମର ମହାନ୍ତି, ହରିହର ସାହୁ, ରାଧାଶ୍ୟାମ ବେହୁରା, ହୃଷୀକେଶ ସାମଲ, ଦେବରାଜ ମିଶ୍ର, ବ୍ରଜକିଶୋର ଦାଶ ଓ ରମାକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।



# ୯ରେ ନାମାଙ୍କନ କରିବେ ଧର୍ମଶାଳା କଂଗ୍ରେସ ପ୍ରାର୍ଥୀ

ଧର୍ମଶାଳା,୫।୫(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡା ଆସନ୍ତା ୯ରେ ନାମାଙ୍କନ ପତ୍ର ଦାଖଲ କରିବେ। ନିଜ ଗ୍ରାମ ବଡ଼ମଙ୍ଗଳପୁର କରଞ୍ଜୋଇ ଠକୁରାଣୀ ପୀଠରେ କର୍ମୀମାନଙ୍କ ସହିତ ଆଲୋଚନା କରାଯାଇ ସମୟ ସ୍ଥିର କରାଯାଇଛି । ସେଦିନ କରଞ୍ଜୋଇ ଠାକୁରାଣୀ ପୀଠରେ ପୂଜାର୍ଚ୍ଚନା କରିବା ପରେ ସେ କର୍ମୀମାନଙ୍କ ଗହଣରେ ଏକ ବିରାଟ ପଟୁଆରରେ ନାମାଙ୍କନ ପତ୍ର ଦାଖଲ କରିବାକୁ ବାହାରିବେ । ଏନେଇ କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ରାୟଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କୃଷକ ନେତା ବସନ୍ତ ପରିଡ଼ା, ସଞ୍ଜୟ କୁମର ରାଉତ, ନକୁଳ ଜେନା, ସୁଧାକର ରାଉତ, ସଂଗ୍ରାମ ରାୟ, ନରୋତ୍ତମ ନାୟକ, ଅମରେନ୍ଦ୍ର ସାମଲ, ସୁଶାନ୍ତ ବାରିକ, ବାବୁଲି ମଲିକ, କାର୍ତ୍ତିକ ମଲିକ, ଦୀପ୍ତି ରଞ୍ଜନ ପଣ୍ଡା, ଭିକାରୀ ମଲିକ, ଚନ୍ଦ୍ରମଣି ମଲିକ, ଭିମସେନ ନାୟକ, ନାରାୟଣ ରାଉତ, ଆଜାଦ ଅଲ୍ଲି ପ୍ରମୁଖ କଂଗ୍ରେସର ଛାମୁଆ ନେତୃବୃନ୍ଦ ଯୋଗଦେଇଥିଲେ ।


ବୈଠକରେ ସାମିଲ ହୋଇଥିବା କଂଗ୍ରେସର କର୍ମୀ ଓ ସମର୍ଥକ।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସାଭତ୍ତା ଦେବା ଦାବି ତେଜିଲା

ଧର୍ମଶାଳା,୫।୫(ବଟକୃଷ୍ଣ ପରିଡ଼ା)

ରାଜ୍ୟରେ ଅବସରପ୍ରାପ୍ତ ପେନସନଧାରୀଙ୍କୁ ଚିକିତ୍ସାଭତ୍ତା ସହିତ ସ୍ୱାସ୍ଥ୍ୟବୀମା ପ୍ରଦାନ ପାଇଁ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଧର୍ମଶାଳା ଶାଖା ପକ୍ଷରୁ ଦାବି କରାଯାଇଛି । ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ଧର୍ମଶାଳା ଶାଖାର ଏକ ବୈଠକ ରବିବାର ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଆଶାତରୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ବହୁ କର୍ମଚାରୀ ଯୋଗଦେଇ ଅଲୋଚନାରେ ଭାଗ ନେଇଥିଲେ । ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ ବିବରଣୀ ପାଠ କରିବା ସହ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଏହି ଆଲୋଚନାରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟବୀମା ଓ ଚିକିତ୍ସାଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ପ୍ରଚଣ୍ଡଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସଚେତନ ରହିବା ପାଇଁ ଉପସଭାପତି କରୁଣକର ପରାଳ ଓ ବିଜୟ କୁମାର ମିଶ୍ର ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦାୟୀ ସଭାପତି ଯୁଧିଷ୍ଠିର ସ୍ୱାଇଁ ଓ ସମ୍ପାଦକ ବିବେକ କୁମାର ନାୟକଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସହ ସମ୍ପାଦକ ପୀତବାସ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବଟକୃଷ୍ଣ ସାହୁ ସୂଚନା ପ୍ରଦାନ କରିଥିଲେ । ବରିଷ୍ଠ ସଭ୍ୟ ଭାସ୍କର ଚନ୍ଦ୍ର ସେଠୀ, ଅନନ୍ତ କିଶୋର ରାଉତ, ଯୁଗଳ କିଶୋର ଦାସ, ସତ୍ୟାନନ୍ଦ ପ୍ରଧାନ ପ୍ରମୁଖ ସଂଘର କାର୍ଯ୍ୟଧାର ସମ୍ପର୍କରେ ଆଲୋଚନା କରିଥିଲେ ।


ବୈଠକରେ ଯୋଗଦେଇଥିବା ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା ।

# ନିର୍ବାଚନ ପୂର୍ବରୁ ଜୋରଧରିଲା ଜଳସେଚନ ସମସ୍ୟା

**ରାଜନଗର ନିର୍ବାଚନମଣ୍ଡଳୀ**

ପଟ୍ଟାମୁଣ୍ଡାଇ, ୫।୫(କଳ୍ପତରୁ ନାୟକ)

ମୁଣ୍ଡ ଉପରେ ୨୦୨୪ ଲୋକ ସଭା ଓ ବିଧାନସଭା ନିର୍ବାଚନ। ଭୋଟରମାନଙ୍କୁ ନିଜ ସପକ୍ଷରେ ଆଣିବାକୁ ବିଭିନ୍ନ ରାଜନୈତିକ ଦଳ ଭରପୂର ପ୍ରୟାସ ଜାରି ରଖିଥିବା ବେଳେ କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ଅଞ୍ଚଳର କୃଷି ଓ କୃଷକ ସମସ୍ୟା ନିର୍ବାଚନର ମୁଖ୍ୟ ପ୍ରସଙ୍ଗ ହୋଇଛି। କେନ୍ଦ୍ରାପଡ଼ା ଜିଲାର ଭାତହାଣ୍ଡି କୁହାଯାଉଥିବା ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ଅଧିକାଂଶ ଚାଷଜମିକୁ ଜଳ ପରିଚାଳନା ହୋଇପାରୁ ନ ଥିବାରୁ ଚାଷୀମାନେ ଆବଶ୍ୟକ ସମୟରେ ଜଳସେଚନ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଚାଷୀ ଚାଷ ପ୍ରତି ବିମୁଖ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବିଶେଷକରି ଚାଷୀମାନଙ୍କ ଜଳସେଚନ ସମସ୍ୟାର ସମାଧାନ ପାଇଁ ନେତାମାନେ କ'ଣ କରିପାରିବେ ତାକୁ ନେଇ ପ୍ରଶ୍ନ କରୁଛନ୍ତି।

କୃଷକ ନେତା ବିଜୟ ଦାସ କହିଛନ୍ତି, ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ବିଭାଗ ପକ୍ଷରୁ ଠିକ୍ ଆକଳନରେ କେନାଲ ନବୀକରଣ ଓ ଉନ୍ନତୀକରଣ ହେଉ ନ ଥିବାରୁ ଜଳସେଚନ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହୋଇ ହଜାରରୁ ଊର୍ଦ୍ଧ୍ୱ ଏକର ଜମି ପଡିଆ ପଡୁଥିବା ବେଳେ ଅନେକ ଫସଲ ନଷ୍ଟ ହେଉଛି। ଆମ ଅଞ୍ଚଳର ଅଧିବାସୀମାନଙ୍କ ମୁଖ୍ୟ ବେଉସା କହିଲେ ଧାନ, ପନିପରିବା ଚାଷ। ପଟ୍ଟାମୁଣ୍ଡାଇ କେନାଲ ଓ ଶାଖା କେନାଲ ଦେଇ ଉତିକଣ ଭେଡାକୁ ଜଳସେଚିତ ହୋଇଥାଏ। ଦୁଇଦଶନ୍ଧି ପୂର୍ବରୁ ଏହି କେନାଲରେ ୧୨ ମାସ ପାଣି ରହିବା ସହ ଉତିକଣ ଅଞ୍ଚଳରେ ୩ ଫସଲି ଚାଷ ହେଉଥିଲା। ଲୋକେ ଶାରଦ ଫସଲକୁ ନିଜ ପାଇଁ ରଖି ଡାଲୁଅ ଧାନ ଓ ଅନ୍ୟ ଫସଲ ବିକ୍ରି କରୁଥିଲେ। ମାତ୍ର ଏବେ ବର୍ଷାଦିନେ ଜମିରେ ପାଣି ପହଞ୍ଚି ପାରୁ ନ ଥିବାରୁ ଚାଷୀଙ୍କ ଆଶା ମଉଳି ଯାଉଛି। ଚାଷ ଉପରେ ନିର୍ଭରଶୀଳ ଲୋକଙ୍କ ଲାଗି ସରକାର ସ୍ତରରେ ଏ ପର୍ଯ୍ୟନ୍ତ ସେଭଳି କିଛି ଆଖିଦୃଶିଆ କାର୍ଯ୍ୟ ହେଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଚାଷୀ ସୁରେନ୍ଦ୍ର ପରିଡାଙ୍କ କହିବା କଥା, କେନାଲ ଅଛି ସତ ହେଲେ ପାଣି ଆସୁନାହିଁ। କେନାଲ ବର୍ଷକୁ ଦୁଇ ଥର ମରାମତି ହେଉଛି। ଟଙ୍କା ବି ଖର୍ଚ୍ଚ ହେଉଛି। କିନ୍ତୁ ବର୍ଷା ଦିନରେ କେବଳ କେନାଲରେ ପାଣି ଆସୁଥିବା ବେଳେ ମହାବାତ୍ୟା ପରଠାରୁ ଖରାଦିନିଆ ପାଣି ଚାଷୀମାନଙ୍କ ପାଇଁ ସାତସପନ ହୋଇଛି। ବାହାର ରାଜ୍ୟର ପନିପରିବା ଚଢା ଦରରେ ବିକ୍ରି ହେଉଥିବା ବେଳେ ଶୀତଳଭଣ୍ଡାର ନ ଥିବା ହେତୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ଏ ଦିଗରେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଜନପ୍ରତିନିଧିମାନଙ୍କ ଆନ୍ତରିକତା ନ ଥିବା ଭଳି ମନେ ହେଉଛି। ନିର୍ବାଚନ ଆସେ ଆଉ ଯାଏ କିନ୍ତୁ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଏ ବୋଲି କହିଛନ୍ତି। ଦାଶରଥି ଦାସ କହିଛନ୍ତି, ଜଳସେଚନ ପାଇଁ ସମସ୍ତ ଭିତ୍ତିଭୂମି ଥାଇ ଚାଷୀମାନଙ୍କ ଚାଷ ଜମି ଅନେକ ସମୟରେ ମରୁଡିର ସମ୍ମୁଖୀନ ହେଉଛି। ଚାଷୀ ପାଣି ନ ପାଇ ବି ଜଳକର ଦେବାକୁ ବାଧ ହେଉଛନ୍ତି। ସେହିପରି ଉଠା ଜଳସେଚନ ପ୍ରକଳ୍ପ ଓ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚାଷଜମି ଜଳସେଚନ କରିବା ପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ତେବେ ରାଜ୍ୟ ସରକାର ପ୍ରତି ବ୍ଲକରେ ୩୫ ପ୍ରତିଶତ ଚାଷଜମିକୁ ଜଳସେଚନ କରିବା ପାଇଁ ଦୁଇ ଦଶନ୍ଧି ତଳେ ଲକ୍ଷ୍ୟ ରଖିଥିବା ବେଳେ ତାହା ପୂରଣ ହେବାରେ ଅନିଶ୍ଚିତତା ଦେଖା ଦେଇଛି।



ପାଣି ଅଭାବରୁ ଚାଷ ଜମିରେ ପରିବା ଫସଲ ନଷ୍ଟ ହେବାକୁ ବସିଛି।



ପଟ୍ଟାମୁଣ୍ଡାଇ କେନାଲରେ ପାଣି ଆସୁ ନ ଥିବାରୁ ଶୁଖିଲା ପଡିଛି।

# ଭାଜପା ବିଧାୟକ ପ୍ରାର୍ଥୀଙ୍କ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ରାଜକନିକା,୫।୫(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ବୁରୁଡିଆ ଗାଁର ମହିଳାଙ୍କୁ ସେହି ଗାଁର ଜଣେ ଯୁବକ ଗାଳିଗୁଲଜ କରିବା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ମହିଳା ମାନେ ହୋଇଥିଲେ। ଖବରପାଇ ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ପହଞ୍ଚି ଯୁବକଙ୍କ ନାମରେ କାହିଁକି ଏତଲା କରିଛନ୍ତି ବୋଲି କହିବା ସହ ମହିଳାମାନଙ୍କୁ ଜାତିଆଣ ଆକ୍ଷେପ ଓ ଦୁର୍ବ୍ୟବହାର କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା କହିଛନ୍ତି ଯେ, ଯୁବକଙ୍କୁ ପୋଲିସ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଥାନାରେ ଅଟକ ରଖିଥିବା ଖବରପାଇ ଯାଇଥିଲି। ହେଲେ କୌଣସି ମହିଳାଙ୍କୁ ଦୁର୍ବ୍ୟବହାର କରିନାହିଁ। ଥାନାରେ ସିସିଟିଭି ଅଛି ଦେଖାଯାଉ। ଏହା ଏକ ରାଜନୈତିକ ଉଦ୍ଦେଶ୍ୟରେ କରାଯାଉଛି। ଥାନାଧିକାରୀ ଦିଲୀପ କୁମାର ଧଳଙ୍କୁ ପଚାରିବାରେ ଏତଲା ହୋଇଛି ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

# ଡିମିରିପାଳରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଆଳି,୫।୫(ବନମାଳୀ ସେନାପତି)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଳି ବ୍ଲକରେ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ଦେଖାଦେଇଛି। ଏହି ଅବସରରେ ଆଳି ନିର୍ବାଚନମଣ୍ଡଳୀର ୧ ନଂ. ଜୋନ୍‌ର ଡିମିରିପାଳ ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ଲକ ଯୁବ ବିଜେଡି ସଭାପତି କେଦାରନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ କନକଲତା ବେହେରା, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକ, ସରପଞ୍ଚ ଶିବ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଘରେ ଘରେ ଶଙ୍ଖ ଲୋଗୋ ମାରିବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ଡବଲ ଶଙ୍ଖରେ ଭୋଟ ଦେବା ନିମନ୍ତେ ନିବେଦନ କରି ଏକ ବିଶାଳ ପଦଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦୁର୍ଯ୍ୟୋଧନ ସାମଲ, ଯୋଗେନ୍ଦ୍ର ନାୟକ, ପ୍ରଶାନ୍ତ ରାଉତ, ପାରେଶ୍ୱର ବେହେରା, ରାଧେଶ୍ୟାମ ନାୟକ, ଉମେଶ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଡିମିରିପାଳ ପଞ୍ଚାୟତରେ ମହିଳାମାନେ ପ୍ରଚାର କରୁଛନ୍ତି।

# କେନ୍ଦ୍ରାପଡ଼ା ବ୍ଲକ ବିଜେଡିର ବନ୍ଧୁମିଳନ

କେନ୍ଦ୍ରାପଡା, ୫।୫ (ଜଗନ୍ନାଥ ଧଳ)

ବିଜେଡି ଓଡ଼ିଶାର ସାଧାରଣ ଲୋକଙ୍କ ସମସ୍ୟା ସହିତ ଜଡିତ। ଏହାର ସମାଧାନ ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛି। ଏଥିପାଇଁ ୫ ଥର ନିର୍ବାଚନରେ ରାଜ୍ୟବାସୀ ନବୀନ ପଟ୍ଟନାୟକଙ୍କୁ ଶାସନ ଦାୟିତ୍ୱ ଅର୍ପଣ କରିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେବାକୁ ସାଧାରଣ ଲୋକ ଚାହାନ୍ତି ବୋଲି କେନ୍ଦ୍ରାପଡ଼ା ବ୍ଲକ ବିଜେଡି ବନ୍ଧୁମିଳନରେ ନେତାମାନେ ମତ ରଖିଛନ୍ତି। ବ୍ଲକସ୍ଥ ହଳଦୀଡ଼ିଅ ପଡିଆରେ ବନ୍ଧୁମିଳନରେ ବିଜେଡି ଜିଲା ସଭାପତି ଧୀରେନ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ଜିଲା ନିର୍ବାଚନ କ୍ଷେତ୍ର ସଂଯୋଜକ ରାଜେଶ ଦାସ, କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ର ସଂଯୋଜକ ଦୁର୍ଗାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ତୃଣମୂଳ ଅଭିମୁଖୀ। ମୌଳିକ ସମସ୍ୟା ଓ ଆଧୁନିକ ବ୍ୟବସ୍ଥା ସହ ତାଳ ଦେଇ ଓଡ଼ିଶା ୨୪ ବର୍ଷ ଧରି ଆଗେଇ ଚାଲିଛି। ଶିକ୍ଷା, କୃଷି, ଶିଳ୍ପ କ୍ଷେତ୍ରରେ ବିପ୍ଲବ ଆଣିଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ କେନ୍ଦ୍ରାପଡ଼ା ଜିଲାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ସମସ୍ୟାର ନିରାକରଣ ହୋଇଛି। ପର୍ଯ୍ୟାପ୍ତ ଗମନାଗମନ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯାଇଛି। ସେହିପରି ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। କେନ୍ଦ୍ରାପଡ଼ା ବ୍ଲକ ଓ ପୌରାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପର ଧାରା ଜାରି ରହିଛି। ଏହି ବିକାଶର ଧାରା ଆଗକୁ ବଢ଼ାଇବା ପାଇଁ ବିଜେଡିର ସାଂଗଠନିକ ଶକ୍ତିକୁ ଆହୁରି ଦୃଢ଼ିଭୂତ କରିବାକୁ ପଡିବ। ସାଧାରଣ ଜନତା ଏଥର ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି ସେମାନେ ଆହ୍ୱାନ ଦେଇଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଧାନସଭା କ୍ଷେତ୍ରର କର୍ମୀ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ।



ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ପ୍ରଚାର କରୁଛନ୍ତି।

# ବିଜେଡିର ମାରାଥନ ପ୍ରଚାର, କର୍ମୀ ସମ୍ମିଳନୀ




ବଳାରାମପୁର ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ।

ରାଜକନିକା, ୫।୫(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତର କୋଠସାହି ମା'ଦୁର୍ଗାଙ୍କ ପୀଠ ପ୍ରାଙ୍ଗଣ ପଡିଆଠାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବଳରାମପୁର ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଆଳି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗଦେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜକନିକା ବ୍ଲକ ବିଜେଡିର ସଭାପତି ବିଦ୍ୟାଧର ବେହେରା, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ବରିଷ୍ଠ ନେତା କୈଳାସ ବେହେରା, ରାଜକନିକା ବ୍ଲକ ବିଜେଡି ସଙ୍ଗଠକ ପବିତ୍ର ରାଉତ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ହରିଶ୍ଚନ୍ଦ୍ର ମହାପାତ୍ର, ୨୮ନଂ. ଜୋନ ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ପୂର୍ବତନ ବଳରାମପୁର ସରପଞ୍ଚ ସୁବଳ ସାହୁ, ମନୋରଞ୍ଜନ ବିହାରୀ ଓ ରାଜକନିକା ବ୍ଲକ ବିଜେଡିର ମହିଳା ମୋର୍ଚ୍ଚାର ସଭାନେତ୍ରୀ ସଂଯୁକ୍ତା ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ନିଜନିଜ ବକ୍ତବ୍ୟରେ ବିଜେଡି ସରକାରଙ୍କ ଜନହୀତକର ଯୋଜନାଗୁଡିକୁ ଜନସାଧାରଣଙ୍କୁ ଅବଗତ କରାଇବା ସହ ଷଷ୍ଠ ଥର ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ପଞ୍ଚାୟତର କର୍ମୀଙ୍କ ସମେତ ଯୁବନେତା ଉମେଶ ବେହୁରିଆ, ପୂର୍ବତନ ବରୁଣା ସରପଞ୍ଚ ଉତ୍ତମ ସେନାପତି, ଯୁବନେତା ପ୍ରକାଶ ସେନାପତି, ପ୍ରଫୁଲ୍ଲ ରାଉତ, ଶରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାର୍ଥୀଙ୍କୁ ଜିତାଇବାକୁ କଂଗ୍ରେସ କର୍ମୀଙ୍କ ଶପଥ

**ପାଟକୁରା ନିର୍ବାଚନମଣ୍ଡଳୀ**

ଡେରାବିଶ,୫।୫(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀ ଦୀର୍ଘବର୍ଷ ହେବ ବିଜେଡି ଅକ୍ତିଆରରେ ରହିଛି। ଚଳିତ ନିର୍ବାଚନ ପାଇଁ ନିର୍ବାଚନ କମିଶନ ଜୁନ୍ ୧ରେ ମତଦାନ ପାଇଁ ସମୟ ଧାର୍ଯ୍ୟ କରିଛନ୍ତି। ଏହି ଆସନରେ ରତିକାନ୍ତ କାନୁନ୍‌ଗୋ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ରବିବାର ପଡ଼ୋଶୀ ଯାଜପୁର ଜିଲା ଅନ୍ତର୍ଗତ ଓଲାଶୁଣୀ ଗୁମ୍ଫା ପାହାଡ଼ରେ କଂଗ୍ରେସ କର୍ମୀମାନେ ଏକାଠି ହୋଇ ଏହି ଆସନକୁ ଦଖଲ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ସମସ୍ତ କର୍ମୀ କଂଗ୍ରେସ ପ୍ରାର୍ଥୀ କାନୁନ୍‌ଗୋଙ୍କୁ ଜିତାଇବା ପାଇଁ ଶପଥ ନେଇଥିଲେ। ବରିଷ୍ଠ କଂଗ୍ରେସ ନେତା ବିଭୂତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାର୍ଥୀ କାନୁନ୍‌ଗୋ ଯୋଗଦେଇ ନିଜ ଭିତରେ ଥିବା ସମସ୍ତ ଭେଦଭାବକୁ ଭୁଲି ଦଳୀୟ ସମର୍ଥକ ଏକାଠି ହେବାକୁ ଆହ୍ୱାନ କରିଥିଲେ। ସାଧାରଣରେ ପରିବର୍ତ୍ତନର ସ୍ୱର ଆସିଥିବାରୁ ଏହି ନିର୍ବାଚନରେ ପାଟକୁରାରେ କଂଗ୍ରେସ ବିପୁଳ ଭୋଟରେ ବିଜୟୀ ହେବା ସହ ରାଜ୍ୟରେ ସରକାର ଗଠନ ହେବା ନେଇ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଥିପାଇଁ ଡେରାବିଶ ବ୍ଲକର ୨୬ ପଞ୍ଚାୟତର ଦଳୀୟ କର୍ମୀମାନେ ସମସ୍ତ ଗାଁରେ ହେବାକୁ ଥିବା ନିର୍ବାଚନ ପ୍ରଚାର ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତରେ କର୍ମୀ ସମାବେଶ ଓ ସାଧାରଣ ସଭା ସହ ସମସ୍ତ ପୁରୁଣା କର୍ମୀଙ୍କୁ ଏକାଠି କରିବା ନେଇ ବୈଠକରେ ମତପ୍ରକାଶ ପାଇଥିଲା। ତେବେ ସମସ୍ତଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦକୁ ପାଥେୟକରି ଚଳିତ ନିର୍ବାଚନରେ ବିଜୟ ଆଶା ନେଇ ନିଜର ପ୍ରଚାର ଜାରି ରଖିଥିବା ରତିକାନ୍ତ କହିଥିଲେ। ବିଶେଷକରି ଦୁର୍ନୀତିଗ୍ରସ୍ତ କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ଅଧିକ ଜନମତ ସୃଷ୍ଟି ପାଇଁ ରତିକାନ୍ତ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ରାଜୀବ ଲୋଚନ ମିଶ୍ର, କଳ୍ପତରୁ ମହାନ୍ତି, ରଜନୀକାନ୍ତ ଦାସ, ସୁକାନ୍ତ ସେଠୀ, ସଦାଶିବ ପଣ୍ଡା, ସୁବାସ ଦାସ, ନାରାୟଣ ବଳ, ଅଶୋକ ଜେନା, କରୁଣାକର କର ଓ କୈଳାସ ସାହୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ବୈଠକରେ ଯୋଗ ଦେଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

# ସୁସ୍ଥ ସମାଜ ଗଠନରେ ମତଦାନ ଗୁରୁତ୍ୱ ବେଶି

କେନ୍ଦ୍ରାପଡ଼ା, ୫।୫ (ଜଗନ୍ନାଥ ଧଳ)

ଚଳିତ ସାଧାରଣ ନିର୍ବାଚନର ବିଭିନ୍ନ ପର୍ଯ୍ୟାୟ ଭୋଟ ଦାନ କାର୍ଯ୍ୟକ୍ରମ ଚାଲିଛି। ବିଗତ ପର୍ଯ୍ୟାୟରେ ମତଦାନ ଶତ ପ୍ରତିଶତକୁ ଛୁଇଁ ପାରୁ ନ ଥିବା ବେଳେ କୌଣସିଠାରେ ୮୦ ପ୍ରତିଶତକୁ ଛୁଇଁ ନାହିଁ। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସୁସ୍ଥ ସମାଜ ଗଠନରେ ମତଦାନର ଗୁରୁତ୍ୱ ବେଶୀ ବୋଲି ସାମାଜିକ ସଙ୍ଗଠନ ଜୟରାଷ୍ଟ୍ର ପକ୍ଷରୁ ଦେଶ ପାଇଁ ମତଦାନ କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ସମ୍ମୁଖ ଅରୁଣସ୍ତମ୍ଭ ନିକଟରେ ରବିବାର ଅନୁଷ୍ଠିତ ହୋଇଥିଲା। ଆବାହକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ବୀରେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଓ ଯୁବ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ବିଶ୍ୱ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଭାରତ ଗୁରୁତ୍ୱ ଦିଏ। ଦେଶର ୧୪୦କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାର୍ଥ ଏହି ନିର୍ବାଚନ ପ୍ରକ୍ରିୟାରେ ପ୍ରତିଫଳିତ ହୋଇଥାଏ। ଆଗାମୀଦିନରେ ଭାରତର ରୂପରେଖ କେଉଁପରି ହେବା ଉଚିତ, ତାହା ମତଦାତାଙ୍କ ନିଷ୍ପତ୍ତି ଉପରେ ରହିଥାଏ। ତେବେ କେତେଜଣ ବ୍ୟକ୍ତି ଏହାକୁ ଛୁଟିଦିନ ମନେ କରି ଭୋଟ କେନ୍ଦ୍ରକୁ ଯାଉ ନ ଥିବା ବେଳେ କେତେଜଣ ନଷ୍ଟ ଶକ୍ତି ଏହାର ଫାଇଦା ଉଠାଇବା ପାଇଁ ଚେଷ୍ଟା କରିଥାନ୍ତି। ଏଥିପାଇଁ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହେବାକୁ ଜୟରାଷ୍ଟ୍ର ଅନୁଷ୍ଠାନ ପକ୍ଷରୁ ଉଦ୍ୟମ ସାଧୁବାଦ। ଏହି ସଚେତନତା ଭୋଟ ହାରକୁ ନିଶ୍ଚିତ ବୃଦ୍ଧି କରିବ ବୋଲି ସେମାନେ ମତ ରଖିଥିଲେ। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ଲୋଗୋକୁ ଅତିଥିମାନେ ଉନ୍ମୋଚିତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜ୍ୟୋତିରଞ୍ଜନ ନାୟକ, ଜ୍ୟୋତିରଞ୍ଜନ ପତ୍ରୀ, ନିରଞ୍ଜନ ମହାରଣା, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ବିଜେଡିରେ ସାମିଲ ହେଲେ ଭାଜପା ସମର୍ଥିତ ସରପଞ୍ଚ




ମିଶ୍ରଣ ପର୍ବରେ ବିଧାୟକ ଧ୍ରୁବ ସାହୁ, ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ଅନ୍ୟମାନେ।

ରାଜନଗର, ୫।୫(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଖମାରସାହି ପଞ୍ଚାୟତର ସରପଞ୍ଚ ଅନସୂୟା ବିଶ୍ୱାଳଙ୍କ ସମେତ ତାଙ୍କ ସମର୍ଥକମାନେ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଭାଜପା ପ୍ରାର୍ଥୀ ଘୋଷଣା ହେବାର ୨୦ ଦିନ ପରେ ବି ଦଳ ପ୍ରଚାର ଆରମ୍ଭ କରିପାରୁ ନ ଥିବା ବେଳେ ସରପଞ୍ଚ ଦଳ ଛାଡ଼ିବା ଘଟଣା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଶନିବାର ଡାଙ୍ଗମାଳ ପଞ୍ଚାୟତର ବରାଡିଆଠାରେ ଅର୍ଥାତ୍ ଭାଜପା ପ୍ରାର୍ଥୀ ଲଳିତ କୁମାର ବେହେରାଙ୍କ ଗାଁରେ ବିଜେଡିର ବନ୍ଧୁମିଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଖମାରସାହି ସରପଞ୍ଚ ଅନସୂୟା ବିଶ୍ୱାଳ, ତାଙ୍କ ସ୍ୱାମୀ ତଥା ଭାଜପା ନେତା ସମୀର ପ୍ରକାଶ ବେହେରା, ନାଏବ ସରପଞ୍ଚ ଚକ୍ରଧର ମଣ୍ଡଳ, ୱାର୍ଡସଭ୍ୟା ବେବିଲତା ନାୟକ, ଅନୁପମା ମହାନ୍ତଙ୍କ ସମେତ ରାମଚନ୍ଦ୍ର ନାୟକ, ରୁଦ୍ର ନାରାୟଣ ଦାସ, ଚନ୍ଦ୍ରଶେଖର ସେଠୀ, ଅଭିମନ୍ୟୁ ଜେନା, ନୃସିଂହ ଦାସ, କାଶୀନାଥ ଦାସ, ହାଡ଼ିବନ୍ଧୁ ଦାସ, ଟିମା ନାୟକ, ତ୍ରିଲୋଚନପୁରର ପୂର୍ଣ୍ଣଚନ୍ଦ୍ର ଡିଙ୍ଗାଲ, କୃଷ୍ଣନଗରର ମଣ୍ଟୁ ମଣ୍ଡଳ, ସୁବର୍ଣ୍ଣପୁରର ଅର୍ଜୁନ ଜାନା ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ବିଜେଡିର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ, ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ସେମାନଙ୍କ ଯୋଗଦାନ ଦଳକୁ ସୁଦୃଢ଼ କରିବ ବୋଲି ଦୁଇ ପ୍ରାର୍ଥୀ କହିଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖମାରସାହି ପଞ୍ଚାୟତ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ସରପଞ୍ଚ କାନ୍ତିଲତା ବେହେରା, ଲକ୍ଷ୍ମୀଧର ବାରିକ, ରଘୁନାଥ ବେହେରା, ଦେବେନ୍ଦ୍ର କୁମାର ଜେନା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟିରାମ ସେଠୀ, ସୁଦର୍ଶନ ଦାସ, ପୂର୍ବତନ ସରପଞ୍ଚ ରତିକାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ୩୨ନଂ. ଜୋନ୍ ମଧ୍ୟରୁ କେବଳ ଖମାରସାହି ପଞ୍ଚାୟତରେ ଭାଜପା ସମର୍ଥିତ ବିଶ୍ୱାଳ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଭାଜପା ବିଧାୟକ ପ୍ରାର୍ଥୀ ବେହେରାଙ୍କ ଘର ଏହି ୩୨ ନଂ. ଜୋନ୍‌ର ଡାଙ୍ଗମାଳ ପଞ୍ଚାୟତର ବରାଡ଼ିଆ ଗାଁରେ। ସରପଞ୍ଚ ନିଜ ସମର୍ଥକଙ୍କ ସହ ଭାଜପା ଛାଡ଼ି ବିଜେଡିରେ ଯୋଗଦେବା ପରେ ରାଜନଗର ଗଣିତ ବିଗିଡ଼ିବାରେ ଲାଗିଛି।

# ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ

**ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଜିଲା ପ୍ରଶାସନର ବୈଠକ**

## ୧୫ରେ ଯାଞ୍ଚ, ୧୭ରେ ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ

ଜଗତ୍‌ସିଂହପୁର, ୫।୪
(ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ତରଫରୁ ରାଜନୈତିକ ଦଳ ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନୁପମ ଶାହା ପୌରୋହିତ୍ୟ କରି ନିର୍ବାଚନ କିପରି ଅବାଧ ଓ ନିରପେକ୍ଷ ହେବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ କହିଥିଲେ, ଆସନ୍ତା ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପ୍ରକ୍ରିୟା ଜାରି ରହିବ। ଅର୍ଥାତ୍ ପ୍ରାର୍ଥୀମାନେ ମେ' ୭ ତାରିଖରୁ ନାମାଙ୍କନପତ୍ର ଫର୍ମ କିଣିବା ସହ ଦାଖଲ କରିପାରିବେ। ମେ ୧୧ ଓ ୧୨ ତାରିଖ ଛୁଟି ଦିବସ ରହିଥିବାରୁ ମାତ୍ର ୬ ଦିନ କାର୍ଯ୍ୟ ଦିବସରେ ନାମାଙ୍କନପତ୍ର ଦାଖଲ ପାଇଁ ସମୟ ଅଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରାଯାଇପାରିବ। ପ୍ରବେଶପଥ ଓ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀଙ୍କ ସହିତ ମୋଟ ୫ ଜଣଙ୍କୁ ନୋମିନେଶନ କକ୍ଷକୁ ପ୍ରବେଶ ପାଇଁ ଅନୁମତି ମିଳିବ। ବୈଠକରେ ଏସ୍‌ପି ରାହୁଲ ପିଆର୍ ଯୋଗଦେଇ କହିଥିଲେ, ନିୟମ ଅନୁସାରେ ୧୦୦ ମିଟର ଭିତରେ ଗୋଟିଏ ଦଳର ୩ଟି ଗାଡିକୁ ପ୍ରବେଶ କରିବାକୁ ସୁଯୋଗ ଦିଆଯିବ। ବୈଠକରେ ଏକଥା ମଧ୍ୟ କୁହାଯାଇଥିଲା, ମେ' ୧୫ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୭ରେ ପ୍ରତ୍ୟାହାର ହେବ। ତେବେ ଜଗତ୍‌ସିଂହପୁର ଲୋକ ସଭା ଆସନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ପ୍ରାର୍ଥୀପତ୍ର ଦାଖଲ ହେବ। ସେହିପରି ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅତିରିକ୍ତ ଜିଲାପାଳ (ସାଧାରଣ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ, ବାଲିକୁଦା-ଏରସମା ବିଧାନସଭା ପାଇଁ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ, ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପାରାଦୀପ ଅତିରିକ୍ତ ଜିଲାପାଳ ପ୍ରକୋଷ୍ଠ ଏବଂ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ପ୍ରାର୍ଥୀପତ୍ର ଦାଖଲ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଜନଗହଳି ସମ୍ଭାବନା ଥିବାରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ଧ୍ୟାନ ଦେବାକୁ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା କହିଥିଲେ, ଜିଲାର ୮୫୪ଟି ସ୍ଥାନରେ ୧୦୫୧ଟି ବୁଥ୍‌ରେ ନିର୍ବାଚନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରତ୍ୟେକ ବୁଥ୍‌ରେ ୨ଟି ଦୁଆରମୁହଁ, ଶୌଚାଳୟ, ପାନୀୟ ଜଳ ସୁବିଧା ସହ ଭିନ୍ନକ୍ଷମମାନଙ୍କ ନିମନ୍ତେ ହୁଇଲ ଚେୟାର ଓ ରାମ୍ପ ବ୍ୟବସ୍ଥା କରାଯାଇଛି। ସେଥିରୁ ୬୨୮ଟି ବୁଥ୍‌ର ୱେବକ୍ୟାଷ୍ଟିଂ ଲାଇଭ ସ୍କ୍ରିନିଂ କରାଯିବ। ଏନ୍‌ଏସ୍‌ଏସ୍, ସ୍କାଉଟ ଓ ଏନ୍‌ସିସି ସ୍ୱେଚ୍ଛାସେବୀମାନେ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ଭୋଟରଙ୍କୁ ସହାୟତା କରିବେ। ଏହାବାଦ୍ ରୌଦ୍ରତାପକୁ ଦୃଷ୍ଟିରେ ରଖି ପାନୀୟ ଜଳ ଓ ଘୋଳଦହିର ବ୍ୟବସ୍ଥା କରାଯିବ। ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲର ଦିନକ ପୂର୍ବରୁ ନୂଆ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ। ପୋଷ୍ଟର, ବ୍ୟାନର ଛପାଇବା ପାଇଁ ସୁବିଧା ଆପ୍ ମାଧ୍ୟମରେ ଆବେଦନ କରିପାରିବେ। ପ୍ରତ୍ୟେକ ବ୍ୟାନର, ପୋଷ୍ଟରରେ ପ୍ରିଣ୍ଟର ଓ ପ୍ରକାଶକଙ୍କ ନାମ ଏବଂ କେତେ ସଂଖ୍ୟାରେ ଛପା ଯାଇଛି ତାର ସଂଖ୍ୟା ଉଲ୍ଲେଖ ରହିବ। ମେ ୧୭ରୁ ୨୦ ତାରିଖ ମଧ୍ୟରେ ଭୋଟର ତାଲିକା ପ୍ରାର୍ଥୀମାନଙ୍କୁ ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସସ୍ମିତ ରାଉତ, ଉପଜିଲାପାଳ ପ୍ରଦୀପ ସାହୁ, ଡେପୁଟି କଲେକ୍ଟର ନିର୍ବାଚନ, ବିଜେଡି, ଭାଜପା, ବିଏସ୍‌ପି, ଆପ୍ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମା’ ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା



ଆସିକା,୫।୫(ସୁରେନ୍ଦ୍ର ନାଥ ସାହୁ)

ଆସିକାର ଆରାଧ୍ୟା ଦେବୀ ମା’ ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ରବିବାର ସ୍ଥାନୀୟ ଖମ୍ବେଶ୍ୱରୀପାଟଣାଠାରେ ଅନୁଷ୍ଠିତ ହୋଇଥିଲା। ଶନିବାର ମଧ୍ୟରାତ୍ରିରୁ ଠାକୁରାଣୀଙ୍କ ବିଜେ ପ୍ରତିମାକୁ ବିମାନରେ ବସାଇ ବାଦ୍ୟବାଜଣା ପଟୁଆର ସହ ନଗର ପରିକ୍ରମା ପରେ ଏନ୍‌ଏସି ଅଫିସ ନିକଟରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ସ୍ଥାପନା କରାଯାଇଥିଲା। ଭୋରରୁ ଶ୍ରଦ୍ଧାଳୁ ଅସ୍ଥାୟୀ ମଣ୍ଡପରେ ମା’ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ସୋମବାର ସକାଳଯାଏ ଏହି ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ପୂଜାର୍ଚ୍ଚନା ପରେ ପୁଣି ପଟୁଆର ସହ ବିଜେ ପ୍ରତିମାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ଲାଗି ବ୍ୟବସ୍ଥା ହୋଇଛି। ଦିନ ତମାମ ଖମ୍ବେଶ୍ୱରୀପାଟଣୀ, କୁମ୍ଭାର ସାହିରେ ଭାରତଲିଳା, ପ୍ରହ୍ଲାଦ ନାଟକ ଓ ସାମାଜିକ ବିଭିନ୍ନ ନୃତ୍ୟ ନାଟିକାକୁ ଜନସାଧାରଣ ବେଶ ଉତ୍ସାହର ସହ ଉପଭୋଗ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଚୈତ୍ର ପୂର୍ଣ୍ଣିମାଠାରୁ ପ୍ରାୟ ମାସେ କାଳ ପ୍ରତ୍ୟହ ସନ୍ଧ୍ୟାରେ ଦେବୀଙ୍କ ବିଜେ ପ୍ରତିମାକୁ ବିଭିନ୍ନ ସାହି ବସ୍ତି ପରିକ୍ରମା କରାଯାଉଥିଲା। ଚଳିତବର୍ଷ ଏହା ମାତ୍ର ୧୦ ଦିନ ଲାଗି ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମାଇଁ ଚରଣ ପାଣିଗ୍ରାହୀ ଓ ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି ଯାତ୍ରା ଉତ୍ସବ ଶୃଙ୍ଖଳାର ସହ ପାଳିତ ହୋଇଥିଲା।

### ଖରା ସହ ବଢୁଛି ନିର୍ବାଚନୀ ତାତି

ରମ୍ଭା,୫।୫(ବନବାସୀ ସେଠୀ)

ପ୍ରଥମ ପର୍ଯ୍ୟାୟ ୧୩ ତାରିଖ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ସରିଛି। ତେଣୁ ଏବେ ଖରାର ପ୍ରକୋପ ବୃଦ୍ଧିକୁ ନିର୍ବାଚନ ତାତି ବଳିଯାଇଛି। ପ୍ରଚାର ଗାଡିର ସଂଗୀତର ଅଞ୍ଚଳ ଉଚ୍ଛୁଳି ପଡୁଛି। ସବୁ ରାଜନୈତିକ ଦଳ ନିର୍ବାଚନ କାର୍ଯ୍ୟାଳୟ ଖୋଲି ଭୋଟର ପରାମର୍ଶ କରିବା ପାଇଁ ବୁ ପ୍ରିଣ୍ଟ କରାଯାଉଛି। ସ୍ଥାନେ ସ୍ଥାନେ ସ୍ୱର୍ଣ୍ଣକାରର ଜାଗା, ସାହି ମୁହଁ, ମୁଖ୍ୟ ରାସ୍ତା ପାର୍ଶ୍ୱ ଅବତୀର୍ଣ୍ଣ ପ୍ରାର୍ଥୀମାନଙ୍କ ଫଟୋ ସହିତ ଦଳୀୟ ଚିହ୍ନ ଉଲେଖ କରି ଟଙ୍ଗା ଯାଇଥିବା ସହ ପଥପ୍ରାନ୍ତ ନାଟ୍ୟ, ପାଲା ଓ ସଙ୍ଗୀତ ମାଧ୍ୟମରେ ସରକାରଙ୍କ ଓ ନିଜ ଦଳର ଯୋଜନା ଗୁଡିକ ଲୋକଙ୍କୁ ବୁଝାଉଥିବା ଲକ୍ଷ୍ୟ କରାଯାଇଛି। ଭୋଜିଭାତର ଆପ୍ୟାୟିତ କରାଯାଇ ନିର୍ବାଚନର ମାହୋଲ ସୃଷ୍ଟି କରାଯାଉଛି। ପ୍ରତେକ ସ୍ଥାନରେ, ବଜାର ଓ ପଞ୍ଚାୟତରେ ପୋଲିସର ଫ୍ଲାଗ ମାର୍ଚ୍ଚ ସାଙ୍ଗକୁ ରାତି ୧୦ ବାଜିଲେ ସତର୍କତା ରହିବା ପାଇଁ ପୋଲିସ ପାଟ୍ରୋଲିଂ କରାଯାଉଛି।

### ମାସକରେ ୪୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ

ଫୁଲବାଣୀ,୫।୫(ରାକେଶ କୁମାର ରାଉତ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କନ୍ଧମାଳ ପୋଲିସ ପକ୍ଷରୁ ଧରପଗଡ ଜୋରଦାର କରାଯାଇଛି। ବିଶେଷ କରି ଜିଲାରେ ଗଞ୍ଜେଇ ଚୋରାଚାଲାଣ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ଏ ଦିଗରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯିବା ସହିତ ଚଢ଼ାଉ ଅଭିଯାନ ତ୍ୱରାନ୍ୱିତ କରାଯାଇଛି। ଗତ ଏକ ମାସ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୧ କ୍ୱିଣ୍ଟାଲ ୪୮ କିଲୋ ଗଞ୍ଜେଇ ଜବତ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଦର ଏସଡିପିଓ ସୁପ୍ରସନ୍ନ ମଲ୍ଲିକ। ଗୋଚ୍ଛାପଡା ଥାନା ଅଞ୍ଚଳରେ ୨୧ କ୍ୱିଣ୍ଟାଲ, ଫିରିଙ୍ଗିଆ ଥାନା ଅଞ୍ଚଳରେ ୧୦ କ୍ୱିଣ୍ଟାଲ ଏବଂ ସଦର ଥାନା ଅଞ୍ଚଳରେ ୨୪୮ କିଲୋ ଜବତ ହୋଇଛି। ଏ ନେଇ ଗୋଚ୍ଛାପଡା ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ଫିରିଙ୍ଗିଆ ଥାନାରେ ୩ଟି ଓ ସଦର ଥାନାରେ ଗୋଟିଏ ମାମଲା ରୁଜୁ କରାଯାଇଛି। ତେବେ ଏହିସବୁ ମାମଲାରେ କେହି ଗିରଫ ହୋଇ ନାହାନ୍ତି। ଆଗକୁ ଏହି ଅଭିଯାନ ଅଧିକ ଜୋରଦାର କରାଯିବ ବୋଲି ଏସଡିପିଓ ମଲିକ ପ୍ରକାଶ କରିଛନ୍ତି।

# ପୁରୀ ରଥକାଠ ପାଇଁ ଘୁମୁସର ବନଖଣ୍ଡରେ ସ୍ୱତନ୍ତ୍ର ବନୀକରଣ ହେବ

## ଜଙ୍ଗଲ କର୍ମଚାରୀଙ୍କୁ ତାଲିମ, ବର୍ଷେ ହେବ ସର୍ଭେ

ଭଞ୍ଜନଗର,୫।୫(ବାବୁଲା ପ୍ରଧାନ)



ବୈଠକରେ ଉପସ୍ଥିତ କର୍ମଚାରୀ ।

ପ୍ରତି ୧୦ ବର୍ଷରେ ଥରେ ଜଙ୍ଗଲରେ କ’ଣ ସବୁ କାର୍ଯ୍ୟ ହେବ ତାହାର ଯୋଜନା ପ୍ରସ୍ତୁତ ହୁଏ। ୨୦୧୪-୧୫ରେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ୱାର୍କିଂ ପ୍ଲାନ ପକ୍ଷରୁ ସର୍ଭେ ହୋଇଥିଲା। ୧୦ବର୍ଷ ପରେ ପୁଣି ଚଳିତ ବର୍ଷ ସର୍ଭେ ହେବ। ୨୦୨୫ରୁ ୧୦ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏହାପୂର୍ବରୁ ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା। ଡିଏଫଓ ହିମାଂଶୁ ଶେଖର ମହାନ୍ତି ତାଲିମ ଶିବିର ଉଦ୍‌ଘାଟନ କରିଥିଲେ। ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ ସଭା ସଂଯୋଜନା କରିଥିଲେ । ଅବସରପ୍ରାପ୍ତ ଏସିଏଫ୍ ଭୀମସେନ ମହାରଣା, ଅବସରପ୍ରାପ୍ତ ଡିଏଫଓ ପ୍ରବୋଧ କୁମାର ନାୟକ ତାଲିମଦାତା ଭାବେ ଯୋଗଦେଇ ବିଭାଗୀୟ କର୍ମଚାରୀମାନଙ୍କ ଚଳିତ ବର୍ଷର କାର୍ଯ୍ୟ ସମ୍ପର୍କରେ କହିଥିଲେ। ବନ କର୍ମଚାରୀମାନେ ଜଙ୍ଗଲରେ କେତେ ପ୍ରକାର ଗଛ ଅଛି, ବିଭିନ୍ନ ବନ୍ୟପ୍ରାଣୀ, ଗ୍ରାମ୍ୟ ଜଙ୍ଗଲ, ରାଜସ୍ୱ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ, ବାଉଁଶ ଜଙ୍ଗଲ, ସର୍ଭେ ହୋଇ ନ ଥିବା ଜଙ୍ଗଲ ସର୍ଭେ କରିବେ । ହାତୀ ସୁରକ୍ଷା ପାଇଁ ବାଉଁଶ ଜଙ୍ଗଲରେ କୈଣସି ପରିବର୍ତ୍ତନ ହେବନାହିଁଆବଶ୍ୟକ ପଡ଼ିଲେ ବାଉଁଶ ଜଙ୍ଗଲ ବୃଦ୍ଧି କରାଯିବ । ପୁରୀ ରଥ କାଠ ପାଇଁ ଚଳିତବର୍ଷ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ସର୍ଭେ ହେବ । ଏହାପରେ ପୁରୀ ରଥ କାଠର ଆବଶ୍ୟକତା ମେଣ୍ଟାଇବା ପାଇଁ ନୂତନ ବନୀକରଣ ହେବ ବୋଲି ତାଲିମ ଶିବିରରେ ବକ୍ତାମାନେ ତାହା କହିଥିଲେ । ୱାର୍କିଂ ପ୍ଲାନ ବିଭାଗ ପକ୍ଷରୁ ଆଗାମୀ ୧୦ ବର୍ଷ ପାଇଁ ଏହି ବନଖଣ୍ଡରେ କ’ଣ ସବୁ କାର୍ଯ୍ୟ କରାଯିବ ତାହାର ରିପୋର୍ଟ ପ୍ରସ୍ତୁତ କରାଯିବ । ଉକ୍ତ ରିପୋର୍ଟକୁ ଆଧାର କରି ଜଙ୍ଗଲର ଉନ୍ନତି କାର୍ଯ୍ୟ ହେବ ।

# ଭାଜପାର ମଥୁରା ମଣ୍ଡଳସ୍ତରୀୟ ନିର୍ବାଚନୀ ବୈଠକ



ବୈଠକରେ ଉପସ୍ଥିତ ନେତା ଓ କର୍ମୀମାନେ।

ପୋଲସରା,୫।୫(ସୁବ୍ରତ ବେହେରା)

ପୋଲସରା ବ୍ଲକ ମଥୁରା ମଣ୍ଡଳସ୍ତରୀୟ ଭାଜପାର ସାଙ୍ଗଠନିକ ନିର୍ବାଚନୀ ବୈଠକ ମଣ୍ଡଳ ସଭାପତି ମହେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଘୁମୁସର ଜିଲା ସଭାପତି ତଥା ପୋଲସରା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ, ଉପସଭାପତି ପ୍ରଭାକର ପଣ୍ଡା, ଆସିକା ଏମ୍‌ପି ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ଆରତି ଦେବୀ, ଗୀତାଞ୍ଜଳି ନାୟକ, ପ୍ରତିମା ସାହୁ, ରିନା ରାଣୀ ଦେବୀ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ଅବଗତ କରିବା ସହିତ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟକଳାପକୁ ତୀବ୍ର ବିରୋଧ କରିଥିଲେ। ମୋଦି ସରକାରଙ୍କ ଡବଲ ଇଞ୍ଜିନ ସ୍ୱପ୍ନ ସାକାର କରିବା ପାଇଁ ଏମ୍‌ପି ପ୍ରାର୍ଥିନୀ ଅନିତା ଓ ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଇତିମଧ୍ୟରେ ବଚ୍ଛପଲ୍ଲୀ ଓ ମଥୁରା ପଞ୍ଚାୟତର ଶତାଧିକ ଯୁବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରବିବାର ଭାଜପାରେ ସାମିଲ ହୋଇଛନ୍ତି। ଏହା ସହିତ ଭାବରଡ଼ା ପଞ୍ଚାୟତରେ ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ଓ କର୍ମୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି।

# ରାସ୍ତା ଖୋଳିଦେଲେ ଠିକାଦାର, ଲୋକେ ପକାଉଛନ୍ତି ପେଭର ବ୍ଲକ

ହିଞ୍ଜିଳିକାଟୁ,୫।୫(ଦ୍ୱିତୀକୃଷ୍ଣ ପଣ୍ଡା)



ହିଞ୍ଜିଳିକାଟୁ ପୌରାଞ୍ଚଳରେ ୨୪ ଘଣ୍ଟିଆ ପାଇପ ପାଣି ଯୋଗାଣ ପାଇଁ ପ୍ରକଳ୍ପର ନବୀକରଣ ହେଉଛି। ବିଭିନ୍ନ ସାହିରେ ପୁରୁଣା ଜଳ ଯୋଗାଣ ପାଇପ ବଦଳରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇପ ବିଛା ଚାଲିଛି। ଇତିମଧ୍ୟରେ ଠିକା ସଂସ୍ଥା ପୌରାଞ୍ଚଳର ବିଭିନ୍ନ ସାହି ରାସ୍ତାରେ ଏହି ନୂଆ ପାଇପ ଲାଇନ ବିଛାଇବା ପାଇଁ ରାସ୍ତା ଖୋଳିଚାଲିଛି। ତେବେ ପାଇପ ବିଛେଇବା ମାସ ମାସ ବିତିଯାଇଥିଲେ ମଧ୍ୟ ରାସ୍ତା ମରାମତି ହେଉନାହିଁ। ଫଳରେ ସାହି ବାସିନ୍ଦା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାନ ବାହାନ ଚଳାଚଳରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ବାରମ୍ବାର ଦାବି ସତ୍ତ୍ୱେ ଠିକା ସଂସ୍ଥା ରାସ୍ତା ପୁନଃନିର୍ମାଣ କିମ୍ବା ମରାମତି କରୁନାହିଁ। ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌର ପ୍ରଶାସନ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରୁନଥିବା ଓ ଲୋକଙ୍କ ସମସ୍ୟା ପ୍ରତି ନିଘା ନଥିଲା ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ଫଳରେ ସାହି ବାସିନ୍ଦା ଏବେ ନିଜେ ନିଜର ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି। ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ୱାର୍ଡ ନଂ ୧୩ ଅନ୍ତର୍ଗତ ଆଦର୍ଶ ସାହି ଜଗନ୍ନାଥ ମାର୍ଗରେ ପେଭର ବ୍ଲକ ତାଡ଼ି ପ୍ରାୟ ମାସେ ତଳେ ପାଇପ ବିଛା ଯାଇଥିଲା। ତେବେ ରାସ୍ତାର ମରାମତି ନ ହେବାରୁ ସାହି ବାସିନ୍ଦା ନିଜ ନିଜ ଘରର ସାମ୍ନାରେ ପେଭର ବ୍ଲକ ପକାଉଛନ୍ତି। ଆସନ୍ତା ୨୨ରେ ଏଠାରେ ନୃସିଂହ ଯାତ୍ରା ହେବ। ଜନ ଗହଳି ସହ ବନ୍ଧୁ ବାନ୍ଧବ ଘରକୁ ଆସିବେ। ତେଣୁ ସାହିର ମନୋରଞ୍ଜନ ସାହୁ, ବିଘ୍ନେଶ୍ୱର ସାହୁ, କାହ୍ନା ସାହୁ, ରଞ୍ଜନ ସାହୁ ଓ ସନ୍ଦିପ ବେହେରା ଓ ଅନ୍ୟ ବାସିନ୍ଦା ନିଜେ ନିଜ ଖର୍ଚ୍ଚରେ ଫେବର ବ୍ଲକ ପକାଉଛନ୍ତି। ଅନ୍ୟପକ୍ଷରେ ଠିକା ସଂସ୍ଥା ପାଇପ ଲାଇନ ବିଛାଇବା ପାଇଁ ସହରର ବହୁ ରାସ୍ତା ଖୋଳି ଦେଇଥିଲେ ମଧ୍ୟ ମରାମତି ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଭାଜପାର ମିଶ୍ରଣ ପର୍ବ

ଆସିକା,୫।୫(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଏହି ନିର୍ବାଚନମଣ୍ଡଳୀର ଖମ୍ବେଶ୍ୱରୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଦଳରୁ ବହୁ ପୂର୍ବତନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ବଡ଼ଖୋଲି ପୂର୍ବତନ ସରପଞ୍ଚ ପ୍ରତିନିଧି ଅଶ୍ୱିନୀ ପ୍ରଧାନ, ପୂର୍ବତନ ସମିତିସଭ୍ୟ ସନ୍ତୋଷ କୁମାର ସ୍ୱାଇଁ, କଂଗ୍ରେସର ପୂର୍ବତନ ଲୋକ ସଭା ଯୁବ କଂଗ୍ରେସ ସଭାପତି ତଥା କାଳଷଣ୍ଢପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅନିଲ କୁମାର ପରିଡ଼ା, କୃଷ୍ଣ ଦାଶ, ପଞ୍ଚାନନ ବିଷୋୟୀ, ସୁବାସ ଚନ୍ଦ୍ର ଦୋରା, ଯୁବ ସଙ୍ଗଠକ ବାଦଲ ବିଶ୍ୱାଳ, ପପୁନୁ ପ୍ରଧାନ, ପିଣ୍ଟୁ ବିଷୋୟୀ, ଶ୍ରୀକାନ୍ତ ସ୍ୱାଇଁ, ଚନ୍ଦନ ସ୍ୱାଇଁ, ମନୋଜ ପ୍ରଧାନ, ଦିଲ୍ଲୀପ ନାୟକଙ୍କ ସମେତ ବହୁ ଯୁବ ସଂଗଠକ ଭାଜପାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ସ୍ୱାଇଁ, ଦୁର୍ଗାଚରଣ ପଟ୍ଟନାୟକ, କାଳୁଚରଣ ପ୍ରଧାନ, ସୁଶାନ୍ତ ନାହାକ, ସନ୍ତୋଷ ବିଶ୍ୱାଳ, ବିକି ପାତ୍ର, ବାଇନାଥ ପାତ୍ର, କାମେଶ୍ୱର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ଭାଜପା ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କ ମାରାଥନ ପ୍ରଚାର



ଭୋଟ ଭିକ୍ଷା କରୁଛନ୍ତି ଭାଜପା ପ୍ରାର୍ଥୀ।

ବୁଗୁଡା,୫।୫(କାଳିଚରଣ ଦାଶ)

ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ହଜାର ହଜାର ସମର୍ଥକଙ୍କ ସହ ରାଲିରେ ଯାଇ ନାମାଙ୍କନ ପତ୍ର ଦାଖଲ କରିବା ପରେ ତାଙ୍କର ପ୍ରଚାରକୁ ଜୋରଦାର କରିଛନ୍ତି। ସେ ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ଅନ୍ତର୍ଗତ ଭୋଗଡା, ମାଣିତରା, ମକରାପଲ୍ଲୀ, ସାପୁଆପଲ୍ଲୀ, କଣ୍ଡରେଇ ଆଦି ବିଭିନ୍ନ ଗ୍ରାମକୁ ଯାଇ ପଦ୍ମ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି ବୁଗୁଡ଼ା ବ୍ଲକ ଏ. କରଡାବାଡି ପଞ୍ଚାୟତ ଅନ୍ତର୍ଗତ ସୋରଡ, ବଣପଲ୍ଲୀ, ଆଶ୍ରମ ଓ କରଡାବାଡି ଗ୍ରାମକୁ ଯାଇ ଘର ଘର ବୁଲି ଗୋକୁଳାନନ୍ଦ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ଉଭୟ ପଞ୍ଚାୟତର ଗ୍ରାମବାସୀ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଉକ୍ତ ପ୍ରଚାର କାର୍ଯ୍ୟକ୍ରମରେ ଜିଲା ଭାଜପା ଉପସଭାପତି ପ୍ରଭାକର ପଣ୍ଡା, ବବୁଲ ନାୟକ, ସୁନୀଲ କୁମାର ପାଢୀ, ଆରତୀ ଦେବୀ, ଗଙ୍ଗାଧର ନାୟକ, ହରିକୃଷ୍ଣ ସାହୁ, ମଣ୍ଡଳ ଭାଜପା ସଭାପତି ଭଗବାନ ଜେନା, ରବୀନ୍ଦ୍ର କୁମାର ପ୍ରଧାନ, ମହେନ୍ଦ୍ର ପଣ୍ଡା, ଶାନ୍ତନୁ ନାୟକ, ରବୀନ୍ଦ୍ର କୁମାର ପରିଡ଼ା, ସନ୍ତୋଷ କୁମାର ଭୋଳଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତାଗଣ ଓ କର୍ମୀ ସାମିଲ ଥିଲେ।

# ସୁଲକ୍ଷଣାଙ୍କ ପାଇଁ ପ୍ରଚାର କଲେ ଭଉଣୀ ଶାନ୍ତିପ୍ରିୟା

ଧରାକୋଟ,୫।୫ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)



ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ପାଇଁ ତାଙ୍କ ଭଉଣୀ ଶାନ୍ତିପ୍ରିୟା ଗିତାଞ୍ଜଳି ପ୍ରଚାର କରୁଛନ୍ତି।

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ବିଜେଡିର ବିଧାୟିକା ପ୍ରାର୍ଥିନୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ପାଇଁ ତାଙ୍କ ଭଉଣୀ ତଥା ଧରାକୋଟ ରାଜଜେମା ଶାନ୍ତିପ୍ରିୟା ଗୀତାଞ୍ଜଳି ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ସେ ଗାଁ ଗାଁ ବୁଲି ଲୋକଙ୍କ ନିକଟରେ ପହଞ୍ଚି ଭଉଣୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ସାନଝିଅ ଶାନ୍ତିପ୍ରିୟା ରାୟପୁରସ୍ଥିତ ରାଜକୁମାର କଲେଜରେ ପଢୁଛନ୍ତି। ସେ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇ ବିଜେଡିର ଜନହିତକାରୀ ଯୋଜନା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ସାନଖେମୁଣ୍ଡି ବିଧାନସଭା କ୍ଷେତ୍ରର ସାମୁହିକ ବିକାଶ ଓ ଅଧୁରା ରହିଯାଇଥିବା କାର୍ଯ୍ୟ ସମ୍ପନ୍ନ ପାଇଁ ଭଉଣୀ ସୁଲକ୍ଷଣା ଗୀତାଞ୍ଜଳିଙ୍କୁ ଭୋଟ ଦେବାପାଇଁ ଲୋକଙ୍କୁ ନିବେଦନ କରିଥିଲେ। ଧରାକୋଟ ବ୍ଲକ ବଳରାମପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ରାଜଜେମା ଶାନ୍ତିପ୍ରିୟା ଗୀତାଞ୍ଜଳି ନିଜ ମା’ ନନ୍ଦିନୀ ଦେବୀଙ୍କ ସହ ମିଶି ବିଜେଡି ସପକ୍ଷରେ ପ୍ରଚାର କରି ଭଉଣୀ ସୁଲକ୍ଷଣାଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଶାନ୍ତିପ୍ରିୟାଙ୍କୁ ଗାଁଗୁଡିକରେ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ମୋରମ ଚୋରା ଚାଲାଣ ବେଳେ ୨ ଟ୍ରାକ୍ଟର, ଜେସିବି ଜବତ

ଛତ୍ରପୁର, ୫।୫(ଦିଲ୍ଲୀପ ସାମଲ)

ବେଆଇନ ମୋରମ ଚୋରା ଚାଲାଣ ବେଳେ ୨ ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରିଛି ମାଇନିଂ ବିଭାଗ । ଶନିବାର ବିଳମ୍ବିତ ରାତ୍ରରେ ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ପାହାଡ଼ରୁ ବେଆଇନ ମୋରମ ଚାଲାଣ ହେଉଥିବା ବେଳେ ଖବର ପାଇ ମାଇନିଂ ବିଭାଗ ଚଢ଼ାଉ କରିଥିଲା । ସୂଚନାଥାଉ କି, ଦୀର୍ଘ ଦିନ ଧରି ସୁନ୍ଦରପୁର ପାହାଡ଼ରୁ ବେଆଇନ ମୋରମ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ତେବେ ଗତକାଲି ବିଳମ୍ବିତ ରାତିରେ ମାଇନିଂ ବିଭାଗ ଚଢ଼ାଉ କରିଥିଲା। ପରେ ଛତ୍ରପୁର ଥାନାରେ ଜିମା ଦିଆଯାଇଥିଲା।

# ଟାଏକୋଣ୍ଡୋ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର



ଆସିକା,୫।୫(ସୁରେନ୍ଦ୍ର ନାଥ ସାହୁ)

ଜିଲା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ବ୍ରହ୍ମପୁରଠାରେ ଅନୁଷ୍ଠିତ ବେଷ୍ଟ ବେଲ୍‌ଟରେ କୃତିତ୍ୱ ଅର୍ଜନ କରିଥିବା ଆସିକା ଟାଏକୋଣ୍ଡୋ ଆସୋସିଏଶନର ପ୍ରତିଯୋଗୀଙ୍କୁ ରବିବାର ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। ଆସିକା ଟାଉନହଲ ପଡ଼ିଆରେ ପ୍ରଶିକ୍ଷକ କାଳୁ ଚରଣ ନାହାକଙ୍କ ଦ୍ୱାରା ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୧୦ଜଣ କୃତୀ ପ୍ରତିଯୋଗୀଙ୍କୁ ଏହି ମାନପତ୍ର ଓ ବେଲ୍‌ଟ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଅଂଶୁମାନ୍ ହୋତା, ଅବନ୍ତିକା ଦାଶ, ଚିତ୍ରଲେଖା ନାହାକ, ଆୟୁଷ ବିଶ୍ୱାଳ, ତରୁଣ କୁମାର, ଏ. ଆଶୁତୋଷ ଆଚାରୀ, ସାଇ ସୁଦେଷ୍ଣା ପଟ୍ଟନାୟକ, ଡି. ନିଖିଲ ଆଚାରୀ, ବି. ଗ୍ରୀଷ୍ମାଶ୍ରୀ, ଲବିତ ପ୍ରଧାନ। ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଗ୍ରୀନ ବେଲ୍‌ଟ, ଗ୍ରୀନ ଷ୍ଟ୍ରିପ ବେଲ୍‌ଟ, ବ୍ଲୁ ବେଲ୍‌ଟ, ୟେଲୋ ବେଲ୍‌ଟ ଆଦି ହାସଲ କରିଥିଲେ।

# ଜିଲା ଭାଜପା ସଭାପତିଙ୍କ କଞ୍ଚୁରୁରେ ପ୍ରଚାର



ଭାଜପା ପ୍ରଚାରରେ ବିଧାୟକ ପ୍ରାର୍ଥୀ, ଜିଲା ସଭାପତି ଓ ଅନ୍ୟ ନେତୃମଣ୍ଡଳୀ।

ହିଞ୍ଜିଳିକାଟୁ, ୫।୫(ଦ୍ୱିତୀକୃଷ୍ଣ ପଣ୍ଡା)

ନବ ନିଯୁକ୍ତ ଭାଜପା ଘୁମୁସର ଜିଲା ସଭାପତି ବିଜୟ କୁମାର ସ୍ୱାଇଁ ଓ ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀ ଦଳୀୟ ପ୍ରାର୍ଥୀ ଶିଶିର ମିଶ୍ର ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁ ପଞ୍ଚାୟତରେ ରବିବାର ପ୍ରଚାର କରିଛନ୍ତି। ମୋଦି ଗ୍ୟାରେଣ୍ଟି ଓ ରାଜ୍ୟର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ଗଠନ ଆବଶ୍ୟକ ବୋଲି ସେ ମତ ରଖିଥିଲେ। ଏକଦା ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଥିବା ବିଜୟ ସ୍ୱାଇଁଙ୍କୁ କଲେଜର ପୁରାତନ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ଜଣାଇଥିଲେ। ଅନ୍ୟପକ୍ଷରେ ଜିଲା ସଭାପତି ସ୍ୱାଇଁ ଶେରଗଡ଼ଠାରେ ଏକ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ପରେ ଏକ ବାଇକ୍ ରାଲି ହୋଇଥିଲା। ଏଥିରେ ଜିଲା ଉପସଭାପତି ମାଧବ ଗୌଡ, ଇଂ. ଅନ୍ତର୍ଯ୍ୟାମୀ ପାତ୍ର, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖଙ୍କ ସହ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

# ବିଜେଡିରେ ମିଶିଲେ ସିପିଆଇଏମ୍, ଭାଜପା କର୍ମୀ

ଗଞ୍ଜାମ,୫।୫(ବିଦ୍ୟାଧର ସାହୁ)




ବିଜେଡିରେ ସାମିଲ ହୋଇଥିବା କର୍ମୀ ।

ଛତ୍ରପୁର ନିର୍ବାଚନ ମଣ୍ଡଳୀ ଗଞ୍ଜାମ ବ୍ଲକର ତିନି ପଞ୍ଚାୟତ ତଥା ରାମଗଡ଼, ପାଲଙ୍ଗ ଓ ସାନ ରାମଚନ୍ଦ୍ରପୁର ପଞ୍ଚାୟତର କମ୍ୟୁନିଷ୍ଟ ଓ ଭାଜପା ଆଗଧାଡିର ଶତାଧିକ ଦଳୀୟ ନେତା ଓ କର୍ମୀ ରବିବାର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। ଏହି ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ବେହେରା ରାମଗଡ଼, ସୁବଳୟା, ଖରେଡି ରାଧାଗୋବିନ୍ଦପୁରର ବିଭିନ୍ନ ଗ୍ରାମରେ ପ୍ରଚାର କରିବା ବେଳେ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସେମାନେ ଦଳରେ ମିଶିଥିଲେ ବୋଲି କହିଛନ୍ତି। ରାମଗଡ଼ ପଞ୍ଚାୟତ ଅରୁଣପୁର ଗ୍ରାମସ୍ଥିତ ମା’ ଚାମୁଣ୍ଡା ମନ୍ଦିର ପ୍ରାଙ୍ଗଣରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଧାୟକ ବେହେରା, ଶ୍ରମିକ ନେତା ଶଙ୍କର ଦାସ, ଗଞ୍ଜାମ ବ୍ଲକ ସଭାପତି ଇନ୍ଦ୍ରମଣି ଦଳାଇ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗ୍ୟ ରେଡ୍ଡୀ, ବ୍ଲକ ସମ୍ପାଦକ ଉମା ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ଜିଲା ଉପସଭାପତି ଶିବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପାଲଙ୍ଗ ପଞ୍ଚାୟତ ସିପିଆଇଏମ୍‌ର ସତ୍ୟ ପ୍ରଧାନ, ସୁମୁନାଥ ପ୍ରଧାନ, ଭାଜପାର ଶିଶିର ପ୍ରଧାନ, ପ୍ରଦୀପ ପ୍ରଧାନ, ପ୍ରଭାକର ପ୍ରଧାନ, ସାନ ରାମଚନ୍ଦ୍ରପୁରର ସରପଞ୍ଚ ମନୋଜ ବେହେରାଙ୍କ ନେତୃତ୍ୱରେ ଦଣ୍ଡପାଣି ବେହେରା, ତ୍ରିନାଥ ବେହେରା, ଉମାକାନ୍ତ ବେହେରା, ଗଣେଶ ବେହେରା, ଚିତ୍ରସେନ ବେହେରା, ୱାର୍ଡ ସଭ୍ୟ ବିଳାସ କୁମାର ନାହାକ, ଶିବରାମ ନାହାକ, ବସନ୍ତ କୁମାର ଦାସ, ଚନ୍ଦ୍ରମୋହନ ବେହେରା, ପ୍ରସନ୍ନ କୁମାର ବେହେରା ଓ ରାମଗଡ଼ ପଞ୍ଚାୟତର ମୁନା ପଲାଇ, ସୁଶାନ୍ତ କୁମାର ତରାଇ, ଅଭିରାମ ଦଳାଇ, ବିକାଶ ଗୌଡ଼, ଗୁଲୁ ତରାଇ, ବାବୁଲା ଗୌଡ଼, ଜିତୁନ ଦଳାଇ, ରମେଶ ଚନ୍ଦ୍ର ଦଳାଇ, କାନ୍ତରି ବାରିକି ପ୍ରମୁଖଙ୍କୁ ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ତାଙ୍କୁ ଦଳୀୟ ଉପଢୌକନ ପ୍ରଦାନ କରି ବିଜେଡିରେ ସାମିଲ କରିଥିଲେ।

# ଜହର ପାଲଟିଛି ଜିଲାର ୭ ନଦୀ, ନାଳର ଜଳ

■ ଶିଳ୍ପ ପ୍ରଦୂଷଣରେ ଆକ୍ରାନ୍ତ ଶିଳ୍ପବିହୀନ କେନ୍ଦ୍ରାପଡ଼ା
■ ବଞ୍ଚିବା ପାଇଁ ସଂଘର୍ଷରତ ମଣିଷ ସହ ଜୀବଜନ୍ତୁ
■ ପ୍ରଦୂଷଣ ରୋକିବା ପାଇଁ ନାହିଁ କାର୍ଯ୍ୟାନୁଷ୍ଠାନ

କେନ୍ଦ୍ରାପଡ଼ା, ୫।୫ (ଜଗନ୍ନାଥ ଧଳ)



ଲୁଣା ନଦୀରେ ଶୁଖିଲା ପଡ଼ିଛି।

ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲାର ପୂର୍ବପାର୍ଶ୍ୱରେ ବଙ୍ଗୋପସାଗର ଥିବାବେଳେ ଅନ୍ୟ ୩ ପାର୍ଶ୍ୱ ଜିଲାରେ ୪ ଜିଲାର ଶିଳ୍ପାଞ୍ଚଳ ରହିଛି। ଜଗତ୍‌ସିଂହପୁର, କଟକ, ଯାଜପୁର ଓ ଭଦ୍ରକ ଜିଲାର ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ରାସାୟନିକ ପ୍ରଦୂଷଣ ଏହି ଜିଲାବାସୀଙ୍କୁ ଅତିଷ୍ଠ କରୁଛି। ଜିଲାର ୭ ନଦୀ ଓ ୨୭ ନାଳର ପାଣି ଏବେ ମିଠା ଜହର ପାଲଟିଛି। ପାନୀୟ ଜଳ ସମେତ ଜିଲାର ବାୟୁମଣ୍ଡଳ ଏବେ ପ୍ରଦୂଷଣରେ ଆକ୍ରାନ୍ତ ବୋଲି ବିଭିନ୍ନ ରିପୋର୍ଟରେ ଉଲ୍ଲେଖ ଅଛି। ଜନସାଧାରଣ ସହିତ ଜଙ୍ଗଲ, ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ଏଥିରେ ହନ୍ତସନ୍ତ ହେଉଛନ୍ତି। ପ୍ରଦୂଷଣକୁ ରୋକିବା ପାଇଁ ପ୍ରଶାସନିକ ଉଦ୍ୟମ ନାହିଁ। ଏହା ବିରୋଧରେ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ)ରେ ମାମଲା ହେବ ବୋଲି ବୁଦ୍ଧିଜୀବୀ ଓ ପରିବେଶବିତମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ ସମରେନ୍ଦ୍ର ମାହାଲି କହିଛନ୍ତି, ପଡ଼ୋଶୀ ଜଗତ୍‌ସିଂହପୁର ଜିଲାର ୧୬ଟି ବୃହତ ଶିଳ୍ପ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକକୁ ଲାଗିଛି। ଶିଳ୍ପାଞ୍ଚଳରେ ଆମୋନିଆ, ନାଇଟ୍ରୋଜେନ, ହାଇଡ୍ରୋଜେନ, ସଲଫର ଡାଇଅକ୍ସାଇଡ, କ୍ଲୋରିନ ପରି ମାରାତ୍ମକ ଗ୍ୟାସ ବ୍ୟବହାର ହେଉଛି। କଳକାରଖାନାରୁ ନିର୍ଗତ ମିଥାଇଲ ଆଇସୋସିଆନେଡ, କ୍ଲୋର ପ୍ରିକ୍ରିନ, କ୍ଲୋର ବେଞ୍ଜାଇକ ଆଦି ବର୍ଜ୍ୟ ରାସାୟନିକ ବସ୍ତୁକୁ ନିକଟସ୍ଥ ନଦୀନାଳକୁ ଛଡାଯାଉଛି। ଏହି ଗ୍ୟାସ ଏବେ କେନ୍ଦ୍ରାପଡା ଜିଲାବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ବିପଦ ସାଜିଛି। ବିଷାକ୍ତ ଗ୍ୟାସ ଫଳରେ ଚାଷ ଓ ଫସଲ ନଷ୍ଟ ହେଉଥିବା ବେଳେ ଚର୍ମରୋଗଠାରୁ ଆରମ୍ଭ କରି କ୍ୟାନସର ରୋଗର କାରଣ ସାଜିଛି। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପ୍ରଦୂଷଣ ରୋକିବାକୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏ ନେଇ ଏକ ମାମଲା ଏନ୍‌ଜିଟିରେ ହେବ ବୋଲି ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ରାଜ୍ୟ ସରକାରଙ୍କ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ୨୦୧୧, ୨୦୧୭ ଓ ୨୦୨୧ରେ ଏହି ଜିଲାରେ ସର୍ଭେ କରିଥିଲା। ଭୂତଳ ଜଳକୁ ପରୀକ୍ଷା ପରେ ନାଇଟ୍ରେଟ, ଆଇରନ ଓ ଫ୍ଲୋରାଇଡ ଆବଶ୍ୟକତାଠାରୁ ବହୁ ପରିମାଣରେ ଜଳରେ ଥିବା ଜାଣିଥିଲେ। ୨୦୧୪ରେ ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜିର ପ୍ରାଧ୍ୟାପକ ବି. ସି. ବେହେରା, ଭୁବନେଶ୍ୱରସ୍ଥିତ ଏମ୍‌ଆଇଟିଏସ୍ ସ୍କୁଲ ଅଫ ବାୟୋ ଟେକ୍ନୋଲୋଜିର ପ୍ରାଧ୍ୟାପକ ଆର. ଆର. ମିଶ୍ର, ବାଙ୍ଗାଲୋରସ୍ଥିତ ଆଇଆରଏସର ପ୍ରାଧ୍ୟାପକ ଏସ. କେ. ଦତ୍ତା ପ୍ରମୁଖ ଏକ ରିପୋର୍ଟ କରିଛନ୍ତି। ଏଥିରେ ବାୟୁ ପ୍ରଦୂଷଣ ସହିତ ଜଳର ମାତ୍ରାଧିକ ପ୍ରଦୂଷଣ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ପଡୋଶୀ ୪ ଜିଲାର ଶିଳ୍ପକୁ ଦାୟୀ କରାଯାଇପାରେ। ବ୍ରାହ୍ମଣୀ ନଦୀରେ ତାଲଚେର ଜିଲାର ଶିଳ୍ପ ବର୍ଜ୍ୟବସ୍ତୁ ଛାଡୁଥିବା ବେଳେ ଏଥିରେ କଳିଙ୍ଗନଗର ଶିଳ୍ପ ସାମିଲ ହୋଇଛି। ସେହିପରି ମହାନଦୀର ଜଳକୁ କଟକ ଓ ଜଗତ୍‌ସିଂହପୁର ଜିଲାର ଶିଳ୍ପାଞ୍ଚଳ ନଷ୍ଟ କରୁଥିବା ବେଳେ ଧାମରା ବନ୍ଦର ମଧ୍ୟ ଏହି ଜିଲାର ପରିବେଶକୁ ନଷ୍ଟ କରୁଛି। ଏସବୁ ଶିଳ୍ପାଞ୍ଚଳ କେନ୍ଦ୍ରାପଡ଼ା ଜିଲାର ରାସ୍ତାକୁ ଉପଯୋଗ କରୁଥିବା ବେଳେ ରାସାୟନିକ ବିପର୍ଯ୍ୟୟ ପାଇଁ କୌଣସି ତତ୍ପରତା ନାହିଁ। ସେହିପରି ପଡୋଶୀ ଜିଲା କେନ୍ଦ୍ରାପଡ଼ାରେ ସିଏସ୍‌ଆର ଫଣ୍ଡ ବିନିଯୋଗ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସାମାଜିକ କର୍ମୀ ସୁବାଶିଷ ଷଡଙ୍ଗୀ କହିଛନ୍ତି, ୨୦୨୧ରେ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ଦେଶର ୧୧୨ଟି ପ୍ରଦୂଷିତ ଅଞ୍ଚଳକୁ ଚିହ୍ନଟ କରିଛି। ଏଥିରେ ପାରାଦୀପ ବନ୍ଦର ୪୮ତମ ସ୍ଥାନରେ ଅଛି। ପ୍ରଦୂଷଣ ଯୋଗୁ ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱ ଐତିହ୍ୟ ତାଲିକାରୁ ବାଦ ପଡିଛି। ଏପରି ସ୍ଥିତି ଜାରି ରହିଲେ ଏହି ଅଭୟାରଣ୍ୟରେ ବହୁ ସାମୁଦ୍ରିକ ଓ ବନ୍ୟପ୍ରାଣୀ ନିଶ୍ଚିହ୍ନ ହେବା ସହ ତଟକ୍ଷୟ ଦ୍ରୁତ ଗତିରେ ହେବ। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ବିଭାଗୀୟ ଅନୁଧ୍ୟାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ପରିବେଶ ବିଭାଗକୁ ଚିଠି ହୋଇଛି। ପ୍ରଦୂଷିତ କରୁଥିବା ପ୍ଲାଣ୍ଟଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଚିଠିରେ ଉଲ୍ଲେଖ ହୋଇଛି ବୋଲି ସେ କହିଛନ୍ତି।

## ବିଧାୟକଙ୍କ ସହ ରାତିଅଧିଆ ବୈଠକକୁ ନେଇ ଅସନ୍ତୋଷ

ରସୁଲପୁର, ୫।୫ (ରଞ୍ଜିତ ରାଉତ)



ବିଧାୟକ ଅଶୋକ କୁମାର ବଳଙ୍କ ସହ ବୈଠକରେ ସାମିଲ ହୋଇଥିବା ଜନପ୍ରତିନିଧି।

ଯାଜପୁର ସଂସଦୀୟ କ୍ଷେତ୍ର ଅଧୀନ କୋରେଇ ନିର୍ବାଚନମଣ୍ଡଳୀ ପାଇଁ ମେ'୨ରେ ବିଜେଡି ପ୍ରାର୍ଥୀ ଘୋଷଣା କରିଛି । ଏହାପରେ କୋରେଇ ବିଜେଡିରେ ରହିଆସୁଥିବା ଅନ୍ତଃକନ୍ଦଳ ଓ ଗୋଷ୍ଠୀ ବିବାଦକୁ ପ୍ରଶମନ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା କୋରେଇ ନିର୍ବାଚନମଣ୍ଡଳୀ ରସୁଲପୁର ବ୍ଲକ ଶାଖାରୁ ଆରମ୍ଭ ହୋଇଛି । ଟିକେଟ୍‌ରୁ ବାଦ୍ ପଡିଥିବା କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ବାସଭବନରେ ଶୁକ୍ରବାର ଏକ ବୈଠକ ଆୟୋଜନ ହୋଇଥିଲା । ଏଥିରେ କୋରେଇ ବିଧାୟକ ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସଙ୍କ ପୁତୁରା ଭବ ପ୍ରକାଶ ଦାସ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ଭୋଟଭିକ୍ଷା କରିଥିଲେ । ରସୁଲପୁର ବ୍ଲକ ଦାୟିତ୍ୱ ଅଶୋକ ବଳ ବୁଝିବେ ବୋଲି କହି ସମର୍ଥକମାନଙ୍କୁ ଉତ୍ସାହିତ କରିଥିଲେ । ଅପରପକ୍ଷେ ଏହି ରାତିଅଧିଆ ବୈଠକକୁ ନେଇ ଦଳରେ ଅସନ୍ତୋଷ ବଢିବାରେ ଲାଗିଛି । ବିଧାୟକଙ୍କ ବିରୋଧୀ ଗୋଷ୍ଠୀ ଉକ୍ତ ବୈଠକକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ଅଶୋକ ବଳଙ୍କୁ ରସୁଲପୁର ବ୍ଲକ ଦାୟିତ୍ୱ ଦିଆଗଲେ ବିରୋଧୀମାନେ ତାକୁ ଗ୍ରହଣ କରିବେ ନାହିଁ ବୋଲି ଖୋଲାଖୋଲି କହିବାକୁ ପଛାଉ ନାହାନ୍ତି ।

ସୂଚନା ଅନୁଯାୟୀ, ବିଜେଡି ପ୍ରାର୍ଥୀ ଘୋଷଣା ହେବା ପରେ ସନ୍ଧ୍ୟାରାଣୀଙ୍କ ତରଫରୁ ସଙ୍ଗଠନକୁ ସଜାଡ଼ିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ପ୍ରକ୍ରିୟା ରସୁଲପୁର ବ୍ଲକର ଗନ୍ଧଣ ପଞ୍ଚାୟତ ପାରିକଇଁଚି ଗ୍ରାମସ୍ଥିତ ବିଧାୟକଙ୍କ ଘରୁ ଆରମ୍ଭ ହୋଇଛି । ବିଧାୟକ ଉକ୍ତ ବ୍ଲକର ୯ ପଞ୍ଚାୟତରୁ ତାଙ୍କ ସମର୍ଥକମାନଙ୍କୁ ନେଇ ଏକ ବୈଠକ ଆୟୋଜନ କରିଥିଲେ । ହେଲେ ଉକ୍ତ ବୈଠକକୁ କେତୋଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନଙ୍କୁ ଡକାଯାଇ ନ ଥିଲା । ଏମିତି କି ୩୩ନଂ. ଜୋନ୍‌ର ବିଜେଡି ଜିଲା ପରିଷଦ ସଦସ୍ୟ ଉକ୍ତ ବୈଠକରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା । ଦଳର ବହୁ ଛାମୁଆ କର୍ମୀ ଉକ୍ତ ବୈଠକରେ ଅନୁପସ୍ଥିତ ଥିଲେ । ବୈଠକ ପରଦିନ ଗଣମାଧ୍ୟମରେ ବିଧାୟକ ଅଶୋକ କୁମାର ବଳ ରସୁଲପୁର ବ୍ଲକ ଦାୟିତ୍ୱ ବୁଝିବେ ବୋଲି ଖବର ପ୍ରକାଶିତ ହୋଇଥିଲା । ଉକ୍ତ ଖବର ପ୍ରକାଶ ପରେ ବିଜେଡିର ଛାମୁଆ କର୍ମୀ ଓ ତୃଣମୂଳସ୍ତରର ନେତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବ୍ଲକ ଦାୟିତ୍ୱ ବିଧାୟକ ବୁଝିଲେ ବିରୋଧୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଜାଣି ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଉପୁଜିଥିବା ଏହି ସମସ୍ୟାକୁ ଯଥାଶୀଘ୍ର ସମାଧାନ କରା ନ ଗଲେ ଏହା ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି । ତେବେ ଏହି ବିବାଦକୁ ଖୁବ୍ ଶୀଘ୍ର ସମାଧାନ କରାଯିବା ନେଇ ବିଧାୟକ ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ସୂଚନା ମିଳିଛି ।

## ଆକାଶଙ୍କୁ ସମର୍ଥନ ଜଣାଇଲେ ଭାଜପାର ନିର୍ବାଚିତ ପ୍ରତିନିଧି, କର୍ମକର୍ତ୍ତା

ଯାଜପୁର, ୫।୫ (ହର୍ଷବର୍ଦ୍ଧନ ବେହେରା)

କୋରେଇ ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ହୋଇଥିବା ଆକାଶ ଦାସନାୟକଙ୍କୁ ରବିବାର ଦଳ ସମର୍ଥିତ ନିର୍ବାଚିତ ପ୍ରତିନିଧି ଏବଂ କର୍ମକର୍ତ୍ତା ସମର୍ଥନ ଜଣାଇଛନ୍ତି। ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ ଦଳରୁ ଇସ୍ତଫା ଦେବା ପୂର୍ବରୁ ଏମାନେ ତାଙ୍କ ହାତ ଛାଡ଼ିଦେଇଥିଲେ। ଏଥିରେ ମଣ୍ଡଳ ସଭାପତି ନୀଳମାଧବ ଚକ୍ର, ରବୀନ୍ଦ୍ର ବେହେରା, ପ୍ରମୋଦ ସାହୁ, ଶଶିଭୂଷଣ ସାହୁ, ନାରୀନେତ୍ରୀ ଦୀପ୍ତିମୟୀ କୁଅଁର, ପ୍ରକାଶ ଧଳ, ବରୁଣ୍ଡେଇ ସରପଞ୍ଚଙ୍କ ପ୍ରତିନିଧି ଉଦୟ ପରିଡ଼ା, ବନ୍ଦାଳୋ ସରପଞ୍ଚ ବିଷ୍ଣୁ ରଥ, ଅସନଝର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସୁବ୍ରତ ସ୍ୱାଇଁ, ରଣପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ସାହୁ, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ନାରୀନେତ୍ରୀ ଇତିଶ୍ରୀ ଜେନା, ବ୍ୟାସନଗର ପୌରପରିଷଦ ୧୦ ନଂ. କାଉନସିଲର ରଶ୍ମିତା ରାଉତ, କୃଷ୍ଣଚନ୍ଦ୍ର ରାଉତ, ୧୩ ନଂ. ୱାର୍ଡ କାଉନସିଲର ବୁଦୁନି ଦରାଇ, ୨ନଂ. ୱାର୍ଡ କାଉନସିଲର କୁନି ହାଁସଦା ପ୍ରମୁଖ ଆକାଶଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ଉପସ୍ଥିତ ହୋଇ କିପରି ବିପୁଳ ଭୋଟରେ ଜୟଯୁକ୍ତ କରାଇବେ ସେ ନେଇ ଆଲୋଚନା କରିଛନ୍ତି।



ଭାଜପା ଜନପ୍ରତିନିଧିଙ୍କ ଗହଣରେ ଆକାଶ ଦାସନାୟକ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଚନ୍ଦ୍ରମଣି



@ ପୀୟୁଷ ପ୍ରତ୍ୟୁଷ



@ ସାଗର



@ ଶିବରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସମ୍ଭାବ୍ୟ ସୁନାମି ପାଇଁ ସତର୍କତା ଜାରି କଲା ମତ୍ସ୍ୟବିଭାଗ



ପାରାଦୀପ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ମାଛଧରାବନ୍ଦର ପରିସରରେ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନତା କରାଯାଉଛି ।

ପାରାଦୀପ, ୫।୫ (ଶରତ ରାଉତ)

ସମ୍ପ୍ରତି ବଙ୍ଗୋପସାଗରରେ ସମୁଦ୍ର ଅଶାନ୍ତ ହୋଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ମେ'୫ରୁ ୮ ତାରିଖ ମଧ୍ୟରେ ସମୁଦ୍ରରେ ୦.୨ ମିଟରରୁ ୧.୦୫ ମିଟର ପର୍ଯ୍ୟନ୍ତ ଉଚ୍ଚ ଜୁଆର ଆସିପାରେ, ଯାହାକି ସୁନାମି ଭଳି ହେବାର ସମ୍ଭାବନା ରହିଛି। ଏଥିସହିତ କାଳବୈଶାଖୀ ପବନ ଘଣ୍ଟା ପ୍ରତି ୫୦ ରୁ ୬୦ କିମି ବେଗରେ ବହିପାରେ। ଏହି ସମୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ନ ଯିବା ପାଇଁ ପାରାଦୀପ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ରବିବାର ପାରାଦୀପ ମାଛଧରାବନ୍ଦର ପରିସରରେ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦିଆଯାଇଛି। ଏବେ ପାରାଦୀପ ମାଛଧରାବନ୍ଦର ବନ୍ଦର ପୋତାଶ୍ରୟ ମଧ୍ୟରେ ୬୩୫ ବୋଟ ସୁରକ୍ଷିତ ଅଛି ବୋଲି ମତ୍ସ୍ୟ ଅଧିକାରୀ ବିଜୟ କୁମାର କର ସୂଚନା ଦେଇଛନ୍ତି। ପାରାଦୀପର ୫ଟି ବୋଟ ଏକ ସର୍ଭେ କାମ ପାଇଁ ସମୁଦ୍ରର କୋଣାର୍କ ସୀମାକୁ ଯାଇଥିଲେ। ସେମାନଙ୍କୁ ପୁରୀଠାରେ ସୁରକ୍ଷିତ ସ୍ଥାନରେ ରହିବା ପାଇଁ ପରାମର୍ଶ ଦିଆଯାଇଛି ବୋଲି କର କହିଛନ୍ତି। ଏଥିସହ ମତ୍ସ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ସମ୍ଭାବ୍ୟ ପରିସ୍ଥିତି ସମ୍ପର୍କରେ ପାରାଦୀପ, ଷଣ୍ଢକୁଦ, ବାଲିପ୍ଲଟ, ନୋଳିଆସାହିଠାରେ ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଛି।

## ବିନା କାଗଜପତ୍ରରେ ଚାଲିଛି ଏକାଧିକ ଖାଦାନ

■ ପଡ଼ୋଶୀ ରାଜ୍ୟକୁ ଚାଲିଛି ଅବାଧ ବାଲି ଚାଲାଣ
■ ବିନା ସିଟିଓ ଇସିରେ ଚାଲିଛି ଉତ୍ତୋଳନ, ନକଲି ଟିପିରେ ପରିବହନ

କୋରେଇ, ୫।୫ (ଚନ୍ଦ୍ରକାନ୍ତ ପତି)



ନଦୀରୁ ମେଶିନ ଦ୍ୱାରା ବାଲି ଉତ୍ତୋଳନ କରାଯାଇ ହାଇୱାରେ ବୋଝେଇ କରାଯାଉଛି ।

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀର ବିଭିନ୍ନ ବାଲି ଖାଦାନରୁ ଦୀର୍ଘ ଦିନ ହେବ ବ୍ୟବସାୟୀମାନେ ବିପୁଳ ମାତ୍ରାରେ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି । ରାଜସ୍ୱ କିମ୍ବା ଖଣି ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଜିଲାର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହାତ କରି ବାଲି ବ୍ୟବସାୟୀମାନେ ପ୍ରତିଦିନ ହାଇୱାରେ ଶତାଧିକ ଟ୍ରିପ ବାଲି ପଡୋଶୀ ରାଜ୍ୟକୁ ଚୋରା ଚାଲାଣ କରୁଛନ୍ତି । ଗତ ୪ରୁ୫ ବର୍ଷ ହେବ ଜିଲା ପ୍ରଶାସନ ଓ ବାଲି ବ୍ୟବସାୟୀଙ୍କ ଅସାଧୁ ମେଣ୍ଟ ଯୋଗୁ ସରକାର ପ୍ରାୟ ୧୦୦ କୋଟି ଟଙ୍କାର ରାଜସ୍ୱ ହରାଇଥିବା ଆକଳନ କରାଯାଉଛି ।

ବ୍ୟାସନଗର ତହସିଲ ଅଧୀନ ଶାଳବା ଘାଟରୁ ଦୀର୍ଘ ମାସ ହେବ ଲିଜ୍ ଅବଧି ସରିଥିଲେ ହେଁ ବ୍ୟବସାୟୀମାନେ ଏହାକୁ ମାନିବାକୁ ପ୍ରସ୍ତୁତ ନାହାଁନ୍ତି । ପ୍ରତିଦିନ ୫ରୁ ୬ଟି ପ୍ରୋକୋଲିନ ଲଗାଇ ହାଇୱା ଯୋଗେ ଶତାଧିକ ଟ୍ରିପ ବାଲି ଅନ୍ୟ ଜିଲା ତଥା ପଡୋଶୀ ରାଜ୍ୟକୁ ଚୋରା ଚାଲାଣ କରୁଛନ୍ତି । ସେହିପରି କଣ୍ଟାବଣିଆ ଘାଟରୁ ମଧ୍ୟ ଅନୁରୂପ ଭାବେ ଏକାଧିକ ମେଶିନ ଲଗାଇ ରୀତିମତ ବାଲି ଚୋରାଚାଲାଣ କରାଯାଇଛି । ଜଳ ପ୍ରବାହ ମୁଖ୍ୟପଥରେ ବନ୍ଧ ପକାଇ ବାଲି ଉତ୍ତୋଳନ କରାଯାଉଛି। ଏହା କେବଳ ନଦୀର ପ୍ରାକୃତିକ ସମତୁଲ ପ୍ରକ୍ରିୟାକୁ ବ୍ୟାହତ କରୁନାହିଁ ବରଂ ଲୋକଙ୍କ ଜୀବନଚର୍ଯ୍ୟା ଉପରେ ନକରାତ୍ମକ ପ୍ରଭାବ ପକାଉଛି । ଅନେକ ସ୍ଥାନରେ ଘାଇ ସୃଷ୍ଟି ହେବା ସହ ନଦୀବନ୍ଧ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି, ଯାହାକୁ ନେଇ ଆଖପାଖ ଅଞ୍ଚଳର ଲୋକେ ବନ୍ୟାକୁ ନେଇ ଭୟଭୀତ ଅଛନ୍ତି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ( ଏସ୍‌ପିସିବି )ଠାରୁ ପରିଚାଳନା ଅନୁମତି ବା କନସେଣ୍ଟ ଟୁ ଅପରେଟ ( ସିଟିଓ ) ଏବଂ ପରିବେଶଗତ ଅନୁମତି ଏନ୍‌ଭାଇରନମେଣ୍ଟ କ୍ଲିଅରାନ୍ସ ( ଇସି ) ନ ଥାଇ ବ୍ୟବସାୟୀମାନେ ଦୀର୍ଘ ମାସ ହେଲା ବେଆଇନ ଭାବେ ଏହି ୨ ଘାଟରୁ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଥିଲେ ମଧ୍ୟ ଖଣି ବିଭାଗ କିମ୍ବା ରାଜସ୍ୱ ବିଭାଗ କାହା ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ସବୁଠାରୁ ବଡ଼କଥା ହେଉଛି ଏହି ବାଲିଗାଡ଼ିଗୁଡ଼ିକ ଚଳପ୍ରଚଳ ପାଇଁ ନକଲି ଟ୍ରାନ୍‌ଜିଟ୍ ପାସ୍ ( ଟିପି ) ବ୍ୟବହାର ହେଉଛି। ଯାହା ଖଣି ବିଭାଗ ଜାଣି ମଧ୍ୟ ଅଜଣା ହୋଇଥିବା ମତପ୍ରକାଶ ପାଇଛି । ଏପରି ବ୍ୟବସାୟୀଙ୍କ ବିରୋଧରେ କେହି ମୁହଁ ଖୋଲିଲେ ଆକ୍ରୋଶର ଶିକାର ହେଉଛନ୍ତି। ଲୋକଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ନ ଦେଇ ଜିଲା ପ୍ରଶାସନ ବାଲି ବ୍ୟବସାୟୀଙ୍କ ସହଯୋଗୀ ସାଜିଥିବା ଅଭିଯୋଗ ହେଉଛି । ଜିଲାର ଜଣେ ପ୍ରଭାବଶାଳୀ ବ୍ୟକ୍ତି, ଖଣି ବିଭାଗ ଓ ରାଜସ୍ୱ ବିଭାଗର କେତେଜଣ ବରିଷ୍ଠ ଅଧିକାରୀଙ୍କୁ ମୋଟା ଅଙ୍କର ମୁନାଫା ଦେଇ ବ୍ୟବସାୟୀମାନେ ଦିନରାତି ବାଲି ଚୋରିରେ ଲିପ୍ତ ରହୁଛନ୍ତି। ଅଧିକାରୀଙ୍କ ଲାଭଖୋର ମନୋଭାବ ପାଖରେ ସରକାରଙ୍କ ସ୍ୱଚ୍ଛତା ଫେଲ୍ ମାରିଥିବା ଚର୍ଚ୍ଚା ହେଉଛି । ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ବିପୁଳ ପରିମାଣରେ ଆୟବର୍ହିଭୁତ ସମ୍ପତ୍ତି ଜବତ ହୋଇପାରନ୍ତା ବୋଲି ଆକଳନ କରାଯାଉଛି । ଏନେଇ ଜିଲା ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କ ମତାମତ ନେବାକୁ ଫୋନ୍ କରିଥିଲେ ହେଁ ସେ କଲ ଗ୍ରହଣ କରିନାହାନ୍ତି ।

# କେନ୍ଦ୍ର ସରକାର ଲୋକଙ୍କୁ ଭୁଆଁ ବୁଲାଇଛନ୍ତି: ପାଣ୍ଡିଆନ

ଓଡ଼ଗାଁ, ୫।୫ (ଆଦର୍ଶ କୁମାର ପଟ୍ଟନାୟକ)



ଓଡ଼ଗାଁରେ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଧାୟକ ପ୍ରାର୍ଥୀ ଅରୁଣ ସାହୁ, ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ।

## ଓଡ଼ଗାଁ ବିଜେଡିର ନିର୍ବାଚନୀ ପ୍ରଚାର

### ବିଧାନସଭା, ଲୋକ ସଭା ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା

ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଡ଼ଗାଁ ବ୍ଲକର ୧୮ ପଞ୍ଚାୟତ ଓ ଏନ୍‌ଏସିରେ ରବିବାର ସନ୍ଧ୍ୟାରେ ନିର୍ବାଚନୀ ପ୍ରଚାରର ୧୧ତମ ଦିନରେ ବିଜେଡି ତା'ର ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରିଛି। ସ୍ଥାନୀୟ ମହୋତ୍ସବ ପଡିଆରେ ଷ୍ଟାର ପ୍ରଚାରକ ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ହେଲିକପ୍ଟରରୁ ଓହ୍ଲାଇବା ବେଳେ ହଜାର ହଜାର ମହିଳା ଓ ପୁରୁଷ କର୍ମୀ ବିଜେଡି ପତାକା ଦେଖାଇ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ପ୍ରଥମେ ଅଭିଭାଷଣ ରଖିବା ଅବସରରେ ଅଞ୍ଚଳର ମନ୍ଦିର, ପାର୍କ ଓ ବରକନ୍ୟା ଝରଣାର ରୂପାନ୍ତରୀକରଣ କଥା ରଖିବା ସହ ସେ ଜଣେ ମୂଲିଆ ବୋଲି ନିଜକୁ ପରିଚିତ କରିବା ସହିତ ଦିନରାତି ଲୋକଙ୍କ ସେବା ନିମନ୍ତେ ଉତ୍ସର୍ଗୀକୃତ ବୋଲି କହିଥିଲେ। ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ କେବଳ ଯୋଡି ଶଙ୍ଖରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ। ଶେଷରେ ବିଜେଡିର ଷ୍ଟାର ପ୍ରଚାରକ ପାଣ୍ଡିଆନ ଅଭିଭାଷଣ ଦେବା ବେଳେ ସେ ଓଡ଼ଗାଁକୁ ୨୦୨୩ ଜୁଲାଇରେ ଆସିଥିଲେ ଏବେ ପୁଣି ୧୦ ମାସ ପରେ ଆସିଛନ୍ତି। ସେତେବେଳେ ଗ୍ରହଣ କରାଯାଇଥିବା ଅଭିଯୋଗପତ୍ର ପରେ ୬୦ କୋଟି ଅନୁଦାନ ପ୍ରଦାନ ପୂର୍ବକ ପ୍ରତିଶ୍ରୁତି ପୂରଣ କରିଥିବା କହିଥିଲେ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା ଯୋଜନା, କାଳିଆ ଯୋଜନା ଓ ମିଶନ ଶକ୍ତି ଆଦି ଯୋଜନାର କିଏ ସ୍ରଷ୍ଟା ବୋଲି ପ୍ରଶ୍ନ କରିଥିଲେ। କେନ୍ଦ୍ର ସରକାର ଲୋକଙ୍କୁ ଭୁଆଁ ବୁଲାଇବାକୁ ନିର୍ବାଚନ ସମୟରେ ଧାନର ଏମ୍‌ଏସ୍‌ପି ୩୦୦୦ କରିବାକୁ ସଂକଳ୍ପ ପତ୍ର ପ୍ରକାଶିତ କରୁଥିବା ବେଳେ ୬ ମାସ ପୂର୍ବରୁ କାହିଁକି କଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ।

ସେହିପରି ଘରେ ଘରେ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିବା କେନ୍ଦ୍ର ସରକାର ନିଜର ପ୍ରତିଶ୍ରୁତି ଭୁଲି ଗଲେ ବୋଲି କହିଥିଲେ। ହେଲେ ବିଧାୟକ ପ୍ରାର୍ଥୀ ଅରୁଣ ବାବୁ ଜଣେ ପାରିବାର ନେତା ବୋଲି କହିଥିବା ବେଳେ ଏମ୍‌ପି ପ୍ରାର୍ଥୀ ଅରୂପବାବୁ ଜଣେ ପୋଲିସ ଅଫିସର ନୁହନ୍ତି ସେ ଜଣେ ସାମାଜିକ କର୍ମୀ ବୋଲି କହିଥିଲେ। ଅରୂପବାବୁ ମୁମ୍ବାଇରେ ଥିବା ବେଳେ ଲକ୍ଷାଧିକ ଓଡ଼ିଶାର କ୍ୟାନସର ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇଥିବା କହିଥିଲେ। ପାଣ୍ଡିଆନଙ୍କ ଅଭିଭାଷଣ ସମୟରେ ତାଙ୍କର ଉଭୟପାର୍ଶ୍ୱରେ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀ ଯୋଡ଼ ହସ୍ତରେ ଠିଆ ହୋଇଥିଲେ। ଉଭୟେ କେବଳ ଭୋଟରଙ୍କୁ ବହୁସଂଖ୍ୟାରେ ଯୋଡି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଥିଲା।

## ଓଡ଼ଗାଁ ଆଦର୍ଶ ଥାନା ପୋଲିସ ପକ୍ଷରୁ ଏନ୍‌ଏସି ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ

ଓଡ଼ଗାଁ,୫।୫(ଆଦର୍ଶ କୁମାର ପଟ୍ଟନାୟକ)

ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମେ ୨୫ରେ ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଡ଼ଗାଁ ଅଞ୍ଚଳ ୧୮ ଟି ପଞ୍ଚାୟତ ଅଞ୍ଚଳରେ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ଉଦ୍ଦେଶ୍ୟରେ ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ସମୟରେ ଶୃଙ୍ଖଳା ବଜାୟ ରଖିବା ସହ ସମସ୍ତ ଜନତାଙ୍କୁ ନିରାପତ୍ତା ଯୋଗାଇ ଦେବା ଉଦ୍ଦେଶ୍ୟରେ ପୋଲିସର ଉପସ୍ଥିତି ସମ୍ପର୍କରେ ସୂଚାଇଦେବା ନିମନ୍ତେ ନୟାଗଡ଼ ଜିଲା ଆଡିସନାଲ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଡିଏସ୍‌ପି ହେମନ୍ତ ରାଓ, ସୁକାନ୍ତ ପାତ୍ରଙ୍କ ଉପସ୍ଥିତିରେ ଆଇଆଇସି ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କୁ ନେଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଫ୍ଲାଗ୍‌ମାର୍ଚ୍ଚ ଆଦର୍ଶ ଥାନା ନିକଟରୁ ବାହାରି ଫିଲ୍ମି ହଲ ଛକ ପରେ ସେଠାରୁ ଫେରି ପରିବା ମାର୍କେଟ ଦେଇ ଶ୍ରୀରଘୁନାଥ ଜୀଉ ମନ୍ଦିର ଓ ପରେ ମନ୍ଦିର ରୋଡ଼ ଦେଇ ଥାନାରେ ପହଞ୍ଚି ଥିଲେ। ସୂଚନା ଥାଉକି ଶନିବାର ନୟାଗଡ଼ ଏସ୍‌ପି ରାହୁଲ ଜୈନ ନୟାଗଡ଼ ଜିଲା ସରହଦ ଗଞ୍ଜାମ ବଡରରେ ପହଞ୍ଚି ମାରଣାସ୍ତ୍ର, ମଦ, ଟଙ୍କା ଓ ଆପରାଧୀକ ଗତିବିଧି ସମ୍ପର୍କରେ ଅନୁଧାନ କରି ଫେରିଥିଲେ।

## ମା' ଶୂଳିଆ ଠାକୁରାଣୀଙ୍କ ନୂତନ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ



ମା' ଶୂଳିଆ ଠାକୁରାଣୀ ।



ବାର୍ଷିକ ଉତ୍ସବ ଅବସରରେ ଯଜ୍ଞ ଲାଗି ମହାନଦୀରୁ କଳସରେ ପାଣି ଅଣାଯାଉଛି।

ଖଣ୍ଡପଡ଼ା,୫।୫ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡ଼ିଆ ପଞ୍ଚାୟତ ଗୋପୀନାଥପୁର ଗ୍ରାମ ନିକଟ ତଥା ବାଣପୁର- ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ରାସ୍ତା ନିକଟ ଶୂଳିଆ ଛକସ୍ଥିତ ମା' ଶୂଳିଆ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାରଠାରୁ ମଙ୍ଗଳବାର ୩ ଦିନ ଧରି ୪୨ ମୌଜାର ଜନସାଧାରଣଙ୍କ ସମେତ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶନିବାର ଯଜ୍ଞ ଲାଗି ମଣ୍ଡଳ କରଣ, ଅଙ୍କୁରା ରୋପଣ କର୍ମ ସମ୍ପାଦନ ହୋଇଥିଲା। ରବିବାର ପୂର୍ବାହ୍ନ ୭ଟାରେ ଶତାଧିକ ମହିଳାପୁରୁଷ ନିକଟସ୍ଥ ମହାନଦୀ ଘାଟରୁ ୧୦୮ କଳସରେ ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ କଳସ ସ୍ଥାପନ କରିଥିଲେ। ପରେ ଯଜ୍ଞକାର୍ଯ୍ୟ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥିଲା।

ଯଜ୍ଞରେ ପୁରୋଧା ଭାବେ ଶ୍ରୀକାନ୍ତ ମିଶ୍ର, ନିରଞ୍ଜନ ମିଶ୍ର, ରଜତ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିବା ବେଳ କର୍ତ୍ତା ଭାବେ ଗୋବର୍ଦ୍ଧନ ବେହେରା ଓ ତାଙ୍କ ସ୍ତ୍ରୀ କାର୍ଯ୍ୟ ସମ୍ପାଦନ କରିଥିଲେ। ସୋମବାର ସୂର୍ଯ୍ୟପୂଜା, ପୀଠପୂଜା, ଗୀତାଯଜ୍ଞ ଓ ୪ର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ ବୋଲି ଗୋପୀନାଥପୁର ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଗ୍ରାମ କମିଟିର ସଦସ୍ୟ ରାଜ କିଶୋର ସାମଲ, ସୁଦର୍ଶନ ରାଉତ, ସନାତନ ବେହେରା, ତ୍ରିନାଥ ରାଉତ, ଗୋବର୍ଦ୍ଧନ ବେହେରା, ମହେନ୍ଦ୍ର କୁମାର ଜେନା, ଅରୁଣ ବରାଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ନିର୍ବାଚନ ପାଇଁ ଯାନବାହନ ଯାଞ୍ଚ

ଦଶପଲ୍ଲା,୫।୫(ପ୍ରକାଶ କୁମାର ପାଣି)

୨୦୨୪ ସାଧାରଣ ନିର୍ବାଚନର ପ୍ରାର୍ଥୀମାନେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ସମସ୍ତ ପ୍ରୟାସ ଜାରି ରଖିଛନ୍ତି। ରାଜନୈତିକ ବାତାବରଣକୁ ଦୃଷ୍ଟିରେ ରଖି ସରକାରଙ୍କ ସମସ୍ତ ବିଭାଗ ମଧ୍ୟ ତତ୍ପର ରହିଥାନ୍ତି। ପୋଲିସ ପ୍ରଶାସନ ହେଉ ଅବା ସ୍ୱାସ୍ଥ୍ୟ ବିଭାଗ, ଫ୍ଲାଇଙ୍ଗ ସ୍କ୍ୱାଡ ଓ ଏସଏସଟି ଟିମ୍ ସମସ୍ତେ ନିଜ ନିଜର ଦାୟିତ୍ୱ ତୁଲାଇଥାନ୍ତି। ଆଗାମୀ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବାକୁ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବ୍ଲକରେ କଡାକଡି ଭାବରେ ଗାଡି ଚେକିଂ କରାଯାଉଛି। ଫ୍ଲାଇଙ୍ଗ ସ୍କ୍ୱାର୍ଡ ଓ ଏସଏସଟି ଟିମ୍ ତଥା ପୋଲିସର ମିଳିତ ସହଯୋଗରେ ଦଶପଲ୍ଲା ଓ ବାଣିଗୋଛା ଥାନା ଅନ୍ତର୍ଗତ ସମସ୍ତ ସ୍ଥାନରେ ଚେକିଂ ଯୋରଦାର ଚାଲିଛି। ଏସଏସଟି ଟିମ୍ ସକାଳୁ ସନ୍ଧ୍ୟା ଯାଏଁ ଚେକିଂ କରୁଥିବାବେଳେ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଫ୍ଲାଇଙ୍ଗ ସ୍କ୍ୱାଡ ଚେକିଂ କରୁଛନ୍ତି। ରାସ୍ତାରେ ଯାଉଥିବା ସମସ୍ତ ଯାନବାହାନ, ଯାଞ୍ଚ ସହ ଭିଡିଓ ଫଟୋ ଉଠାଇ ପ୍ରମାଣ ରଖାଯାଉଥିବା ସୂଚନା ମିଳିଛି।

# ଚିନିକଳକୁ ନେଇ ପୁଣି ରାଜନୀତି

ନୟାଗଡ଼, ୫।୫(ଲୋକନାଥ ମିଶ୍ର)



ନୟାଗଡ଼ରେ ଥିବା ଚିନିକଳ। (ଫାଇଲ ଫଟୋ)

## ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

ନୟାଗଡ଼ ଜିଲା ପାଣିପୋଇଲାସ୍ଥିତ ଚିନିକଳକୁ ନେଇ ପୁଣିଥରେ ରାଜନୀତି ଆରମ୍ଭ ହୋଇଯାଇଛି। ୨୦୧୯ ନିର୍ବାଚନରେ ଚିନିକଳ ଚାଲିବା ନେଇ ବିଜେଡି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଚିନିକଳ ଚାଲୁହେବା ପରିବର୍ତ୍ତେ ଧ୍ୱଂସ ହୋଇ ଚାଲିଲା। ଏବେ ଭାଜପା ଓ କଂଗ୍ରେସ ପକ୍ଷରୁ ପୁଣି ଚିନିକଳ ନେଇ ପ୍ରତିଶ୍ରୁତି ଦିଆଗଲାଣି। ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ଓ ନୟାଗଡ଼ ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପୁରୁଣା କଥାକୁ ଦୋହରାଇ କହିଛନ୍ତି, ନୟାଗଡ଼ରେ ପୁଣି ଚିନିକଳ ଚାଲିବ। ପୁରୀ ଲୋକ ସଭା ପ୍ରାର୍ଥୀ ପାତ୍ରଙ୍କ ସୂଚନା ଅନୁଯାୟୀ, ଭୋଟର ନିଶ୍ଚିତ କରିସାରିଲେଣି ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ଓ ନୟାଗଡ଼ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରାଇବେ। ନୟାଗଡ଼ରେ ଏକ ନୂଆ ଓ ସ୍ୱାଭିମାନୀ ନୟାଗଡ଼ ପ୍ରତିଷ୍ଠା ହେବ, ଯେଉଁଠାରେ କି ଭୟ ଓ ଭ୍ରଷ୍ଟାଚାରର ସ୍ଥାନ ରହିବ ନାହିଁ। ଏମ୍‌ପି ହେବାର ୧୦୦ ଦିନ ଭିତରେ ନୂଆ ଚିନିକଳ ଅଥବା ରିଭାଇଜ୍ ଚିନିକଳର ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବ। ୪ ବର୍ଷ ଭିତରେ ଚିନିକଳ ଛିଡ଼ାହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଦ୍‌ଘାଟନ କରିବେ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

କଂଗ୍ରେସର ରଣଜିତ୍ ଦାଶ କହିଛନ୍ତି, କଂଗ୍ରେସ ପକ୍ଷରୁ କୃଷିଭିତ୍ତିକ ସମବାୟ ଚିନିକଳ ନୟାଗଡ଼ରେ ହୋଇଥିଲା। ଚିନିକଳ ଚାଲୁ ପରେ ଚାଷୀ ଓ ଚାଷର ଉନ୍ନତି ସହ ଶ୍ରମିକ ଉପକୃତ ହେଲେ। ଚାଷୀଙ୍କ ଅର୍ଥନୈତିକ ସ୍ଥିତିରେ ସୁଧାର ଆସିଲା। ଅର୍ଥକରୀ ଫସଲ ଆଖୁଚାଷ ପ୍ରତି ଆଗ୍ରହ ବଢ଼ିଚାଲିଥିବାବେଳେ ବିଜେଡି-ଭାଜପା ମେଣ୍ଟ ସରକାର ୨୦୦୬ରେ ଚିନିକଳକୁ ଶାଗମାଛ ଦରରେ ବିକ୍ରି କରିଦେଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଚିନିକଳ ବନ୍ଦ ହୋଇଯିବା ପରେ ଚାଷୀ ଦାଦନ ଖଟିବାକୁ ଯାଉଛନ୍ତି। ଚିନିକଳରୁ ଚୋରି ଲାଗି ରହି ମାଟିରେ ମିଶିବା ଆରମ୍ଭ କଲାଣି। ଭାଜପା ସରକାର କେନ୍ଦ୍ରରେ ଥିବାବେଳେ ଚିନିକଳ କରିବାକୁ ମନେପଡ଼ିଲା ନାହିଁ। କଂଗ୍ରେସ ଚିନିକଳ କଥା ଉଠାଇବା ପରେ ଭାଜପା ଏହାକୁ ନେଇ ପୁଣି ରାଜନୀତି କରିଲାଣି। କଂଗ୍ରେସ ସରକାର ଆସିଲେ ୫ ଲକ୍ଷ ଟନ୍ କ୍ରସିଂ କାପାସିଟି ଥିବା ଚିନିକଳ ନୟାଗଡ଼ରେ କରାଯିବ। କଂଗ୍ରେସ ଚିନିକଳ ପ୍ରତିଷ୍ଠା ନେଇ ପ୍ରତିଶ୍ରୁତି ଦେଇଛି।

ସୂଚନାଯୋଗ୍ୟ, ୧୯୯୨ରେ ପାଣିପୋଇଲାଠାରେ ୧୪୩ ଏକର ଜମିରେ ଚିନିକଳ ସ୍ଥାପିତ ହୋଇଥିଲା। ରାଜ୍ୟ ସରକାର ଚିନି ଶିଳ୍ପ ପାଇଁ ୧୭ କୋଟି ୩୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ୯୦ ଦଶକର ପ୍ରଥମଭାଗରେ ସମବାୟ ବିଭାଗ ଓଡ଼ିଶା ସରକାର ଏହାର ପରିଚାଳନା ଭାର ନେଇଥିଲେ। ପରେ ୧୯୯୧ରୁ ୧୯୯୭-୯୮ ପର୍ଯ୍ୟନ୍ତ ଧରଣୀ ସୁଗାର ଲିମିଟେଡ୍ ଏହାର ପରିଚାଳନା ଭାର ନେଇଥିଲା। ୧୯୯୮-୯୯ରୁ ୨୦୦୦ ପର୍ଯ୍ୟନ୍ତ ପୁଣି ସମବାୟ ବିଭାଗ ଓଡ଼ିଶା ସରକାର ପରିଚାଳନା ଭାର ନେଲେ। ୨୦୦୦ରୁ ୨୦୦୩-୦୪ ପର୍ଯ୍ୟନ୍ତ ଚିନିକଳରେ ତାଲା ଝୁଲିଥିଲା। ୨୦୦୪-୦୫ରୁ ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡ୍ ଏହାର ପରିଚାଳନା ଦାୟିତ୍ୱ ନେଲା। ନୟାଗଡ଼ ସମବାୟ ଚିନି ଶିଳ୍ପ ପ୍ରତିଷ୍ଠା ହେବା ଦିନଠାରୁ ନିଜସ୍ୱ ପରିଚାଳନା ପରିଷଦ ଦ୍ୱାରା ୨୦।୬।୨୦୦୪ ପର୍ଯ୍ୟନ୍ତ ସମବାୟ ଆଇନ ୧୯୬୪ ଧାରା ଅନୁସାରେ ପଞ୍ଜୀକୃତ ହୋଇ ପରିଚାଳନା ହେଉଥିଲା। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୨୫୦ ଟିସିଡି ରହିଥିଲା। ଏଠାରେ ରିଫାଇନ୍ ଚିନି ଉତ୍ପାଦନ ହେଉଥିଲା। ଚିନି ଶିଳ୍ପର ଦୈନିକ ପେଷଣ କ୍ଷମତା ୧୨୫୦ ମେଟ୍ରିକ୍ ଟନ୍ ଥିଲା। ନୟାଗଡ଼ ସମବାୟ ଚିନି ଶିଳ୍ପକୁ ୫ କୋଟି ୨୨ ଲକ୍ଷ ଟଙ୍କାରେ ସେଲ୍ ଆଣ୍ଡ ପରଚେଜ୍ ଏଗ୍ରିମେଣ୍ଟ ଦ୍ୱାରା ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡ୍‌କୁ ୨୦।୬।୨୦୦୪ରେ ହସ୍ତାନ୍ତର କରାଯାଇଥିଲା। ତେବେ ୨୦୧୪ ଶେଷ ସମୟରେ ଚିନି ଶିଳ୍ପରେ ତାଲା ଝୁଲିଥିଲା। ପରବର୍ତ୍ତୀ ସମୟରେ ଚୋରି ରୋକିବାରେ ଜିଲା ଓ ପୋଲିସ ପ୍ରଶାସନ ବ୍ୟର୍ଥ ହେବା ପରେ ପାଣିପୋଇଲାସ୍ଥିତ ଚିନିକଳ ମାଟିରେ ମିଶିବା ଆରମ୍ଭ ହୋଇଛି। ଫଳରେ ସରକାର ଚିନିକଳ ପ୍ରତିଷ୍ଠା ପାଇଁ ବ୍ୟୟ କରିଥିବା ୧୭ କୋଟି ୩୭ ଲକ୍ଷ ଟଙ୍କା ପାଣିରେ ପଡ଼ିସାରିଲାଣି। ଅନ୍ୟପକ୍ଷେ ଜିଲାର ଏକମାତ୍ର ଚିନି ଶିଳ୍ପ ବନ୍ଦ ହେବା ପରେ ଶିଳ୍ପ ତାଲିକାରୁ ନୟାଗଡ଼ ଜିଲା ହଜିଯାଇଥିବାରୁ ସାଧାରଣରେ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇଛି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦ୍ରମଣି



@ ପୀୟୂଷ ପ୍ରତ୍ୟୁଷ



@ ସାଗର



@ ଶିବରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୟାଗଡ଼ ଟାଉନ, ସଦର ଥାନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

ନୟାଗଡ଼, ୫।୫(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଓ ସଦର ଥାନା ପକ୍ଷରୁ ବିଭିନ୍ନ ଗାଁରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ସଦର ଥାନା ପକ୍ଷରୁ ଲାଉସେଣା ଓ ଗମେଇ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ ହୋଇଥିଲାୟ। ତ୍ରିପୁରାରର ଆଇଆରବିଏନ୍ ଟିମ ସହ ଥାନା ପୋଲିସ ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲା। ସେହିପରି ନୟାଗଡ଼ ଟାଉନ ଥାନା ପକ୍ଷରୁ ସିଏପି ଫୋର୍ସକୁ ନେଇ ଦୁର୍ଗାପ୍ରସାଦଠାରୁ ନୟାଗଡ଼ ପୁରୁଣା ସହର ପର୍ଯ୍ୟନ୍ତ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।

